


ଅଗ୍ରଣୀ ମାର୍କ୍ସବାଦୀ ଦାର୍ଶନିକ ଓ ସର୍ବହରାର ମହାନ ନେତା

କମ୍ରେଡ୍ ଶିବଦାସ ଘୋଷଙ୍କ

ଜନ୍ମଶତବର୍ଷ ସମାବେଶକୁ ସଫଳ କରନ୍ତୁ

ବ୍ରିଗେଡ୍ ପଡ଼ିଆ, କଲିକତା

୫ ଅଗଷ୍ଟ


# ସର୍ବହରା କ୍ରାନ୍ତି


ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 10, ISSUE NO. - 4, DATE : 01.07.2023-15.07.2023 FORTNIGHTLY (ODIA), BHUBANESWAR. PAGES-08


## ଦେଶର ସାମ୍ପ୍ରତିକ ପରିସ୍ଥିତିର ପୃଷ୍ଠଭୂମିରେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ

ଦେଶରେ "ଆଚ୍ଛେ ଦିନ" ଆଣିବାର ସ୍ଲୋଗାନ ଦେଇ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ବିଜେପି ଦଳ ଏକଚାଟିଆ ପୁଞ୍ଜିପତିମାନଙ୍କ ମଦଦ୍‌ରେ ୨୦୧୪ ସାଧାରଣ ନିର୍ବାଚନରେ କେନ୍ଦ୍ରରେ କ୍ଷମତାସୀନ ହୋଇଥିଲା। ବିଦେଶରୁ କଳାଟଙ୍କା ଫେରାଇ ଆଣି ପ୍ରତ୍ୟେକ ଲୋକଙ୍କ ବ୍ୟାଙ୍କ ଖାତାରେ ୧୫ଲକ୍ଷ ଲେଖାଏଁ ଟଙ୍କା ଜମା କରିବା, ଦରଦାମ ହ୍ରାସ କରିବା, ପ୍ରତିବର୍ଷ ୨କୋଟି ଲୋକଙ୍କୁ ଚାକିରି ଦେବା, ଚାଷୀମାନଙ୍କ ପାଇଁ ସ୍ୱାମୀନାଥନ କମିଟି ରିପୋର୍ଟ ଲାଗୁ କରିବା, ଦୁର୍ନୀତିମୁକ୍ତ ଓ ସାଧାରଣ ଲୋକମାନଙ୍କ ନିକଟରେ ଉ ରଦାୟୀ ସରକାର ପ୍ରତିଷ୍ଠା କରିବା ଇତ୍ୟାଦି ଥିଲା ବିଜେପି ଦଳର ନିର୍ବାଚନୀ ପ୍ରତିଶ୍ରୁତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ପୁଲୱାମାଠାରେ ସୈନିକ ମାନଙ୍କ ମୃତ୍ୟୁକୁ ହତିଆର କରି, ସମଗ୍ର ଦେଶରେ ତୀବ୍ର ସାଂପ୍ରଦାୟିକ ବିଦ୍ୱେଶ ସୃଷ୍ଟିକରି ସମସ୍ତ କ୍ଷେତ୍ରରେ ଦୟନୀୟ ଭାବରେ ବିଫଳ ବିଜେପି ଦଳ ପୁନର୍ବାର କ୍ଷମତାସୀନ ହୋଇଥିଲା। ଇତି ମଧ୍ୟରେ କେନ୍ଦ୍ର ବିଜେପି ସରକାର ଏହାର ୯ବର୍ଷର କାର୍ଯ୍ୟକାଳ ପୂରଣ କରିଛି ଏବଂ ୨୦୨୪ ମସିହାରେ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସାଧାରଣ ନିର୍ବାଚନ ଲଢିବାକୁ ସଜବାଜ ହେଉଛି। ମାତ୍ର ଆଚ୍ଛେଦିନର ସ୍ଲୋଗାନ ଆଉ ଶୁଣିବାକୁ ମିଳୁନାହିଁ। ୨୦୧୪ ନିର୍ବାଚନ ପାଇଁ ନୂଆ ସ୍ଲୋଗାନ ଓ ନୂଆ ରାଜନୈତିକ ପ୍ରସଙ୍ଗର ସନ୍ଧାନ ଚାଲିଛି। ତେବେ ସ୍ୱାଧୀନତାର ୭୫ତମ ବର୍ଷପୂର୍ତ୍ତିରୁ ଦେଶ ଅମୃତକାଳରେ ପ୍ରବେଶ କରିଛି ଏବଂ କେନ୍ଦ୍ର ବିଜେପି ସରକାର ନେତୃତ୍ୱରେ ଦେଶର ଜନସାଧାରଣ ଅମୃତ ମହୋତ୍ସବ ପାଳନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ବାରବାର ଘୋଷଣା କରୁଛନ୍ତି। ଅର୍ଥାତ୍ ବହୁ ପ୍ରଚାରିତ ଅମୃତକାଳରେ ହିଁ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

ବର୍ତ୍ତମାନ ଦେଖାଯାଉ ଏହି ଅମୃତ କାଳରେ ଦେଶର ଅମୃତର ସନ୍ତାନମାନଙ୍କର ଅବସ୍ଥା କ'ଣ ?

ଏହି ଅମୃତ କାଳରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ସମସ୍ତ ଖାଦ୍ୟ ସାମଗ୍ରୀ, ପନିପରିବା, ଔଷଧପତ୍ର, ବସ-ଟ୍ରେନ ଭଡା ଇତ୍ୟାଦି ପ୍ରତ୍ୟେକ ଜିନିଷର ଦର ହୁ ହୁ ହୋଇ ବଢିଚାଲିଛି। ଦରିଦ୍ର ଲୋକଙ୍କ କଥା ଦୂରେ ଥାଉ, ନିମ୍ନ ମଧ୍ୟବି ଏପରିକି ମଧ୍ୟବି ଲୋକଙ୍କ ପକ୍ଷରେ ମଧ ବଂଚିରହିବାର ସର୍ବନିମ୍ନ ଆବଶ୍ୟକ ସାଧନ ଯୋଗାଡ କରିବା କଷ୍ଟକର ହୋଇପଡୁଛି। ଅନ୍ୟଦିଗରେ ଦେଶର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ରୋଜଗାର କମି ଚାଲିଛି। ସଂପ୍ରତି ପ୍ରକାଶ ପାଇଥିବା ଅକ୍ସଫାମ୍ ରିପୋର୍ଟ ଅନୁଯାୟୀ ଦେଶର ଶତକଡା ୨୦ ଭାଗ ଦରିଦ୍ରତମ ଲୋକଙ୍କ ଆୟ ୨୦୨୧-୨୨ ମସିହାରେ ୨୦୧୫-୧୬ ତୁଳନାରେ ଶତକଡା ୫୩ଭାଗ ହ୍ରାସ ପାଇଛି। ଏହି ରିପୋର୍ଟ ଅନୁଯାୟୀ ନିମ୍ନ ମଧ୍ୟବି ଲୋକଙ୍କ ଆୟ ଶତକଡା ୩୨.୪ ଭାଗ ହ୍ରାସ ପାଇଛି ଏବଂ ମଧ୍ୟବି ମାନଙ୍କ ଆୟ ମଧ୍ୟ ଶତକଡା ୮.୯ ଭାଗ କମିଛି। ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ହ୍ରାସ ପାଉଛି। ସ୍ଥାୟୀ କାମପାଇଁ ସ୍ଥାୟୀ ନିଯୁକ୍ତି ପରିବର୍ତ୍ତେ ଠିକା ଓ ନିର୍ଦ୍ଦିଷ୍ଟ ସମୟ ପାଇଁ ନିଯୁକ୍ତି(Fixed Term Employment) ବ୍ୟାପକ ହେଉଛି। ସ୍ଥାୟୀ କାମକୁ ଆଉଟସୋର୍ସିଂ କରିଦିଆଯାଉଛି। ନିଯୁକ୍ତି ସୃଷ୍ଟିକାରୀ ଶ୍ରମଭି କ କଳକାରଖାନା ବନ୍ଦ ହେଉଛି କିମ୍ବା ଆଧୁନିକିକରଣ ଆଳରେ ନିଯୁକ୍ତି ସୁଯୋଗ ସଂକୁଚିତ ହେଉଛି। କାଁ ଭାଁ ପୁଞ୍ଜିଭି କ ଶିଳ୍ପ ପ୍ରତିଷ୍ଠା ହେଉଛି। ଫଳରେ ଇତିହାସରେ ସବୁଠାରୁ ଭୟାବହ ବେକାରୀ ଦେଖିବାକୁ ମିଳୁଛି। କଳକାରଖାନା ବନ୍ଦ ହେଉଛି ଏବଂ ଲଗାତର ଛଟେଇ ଚାଲିଛି। ବହୁ ପ୍ରଚାରିତ ଆଇଟି କ୍ଷେତ୍ରରୁ ମଧ ଭୟଙ୍କର ଛଟେଇ ଚାଲିଛି। ବିମୁଦ୍ରିକରଣ, ଜିଏସ୍‌ଟି ପ୍ରଚଳନ ଓ କରୋନା ଜନିତ ଲକ୍‌ଡାଉନ ଫଳରେ ଛଟେଇ ଭୟାବହ ରୂପ ନେଇଛି। କେନ୍ଦ୍ର ବିଜେପି ସରକାର ସମସ୍ତ ଶ୍ରମ ଆଇନକୁ ଉଚ୍ଛେଦ କରି ଶ୍ରମ କୋର୍ଡ ପ୍ରଚଳନ କରିଛି। ଶ୍ରମିକମାନଙ୍କ ହାତରୁ ଟ୍ରେଡ୍ ୟୁନିୟନର ଅଧିକାର ଛଡେଇ ନେଇ ସେମାନଙ୍କୁ କାର୍ଯ୍ୟତଃ ମାଲିକ ମାନଙ୍କ କ୍ରୀତଦାସରେ ପରିଣତ କରାଯାଇଛି। ଗୋଟିଏ ଦିଗରେ ରକେଟ୍ ଗତିରେ ବଢିଚାଲିଥିବା ଦରଦାମ, ଅନ୍ୟପଟରେ କ୍ରମବର୍ଦ୍ଧମାନ ବେକାରୀ ଛଟେଇ, ମଜୁରୀ ହ୍ରାସ ଫଳରେ ସାଧାରଣ ଲୋକ ନାହିଁ ନଥିବା ଦୁର୍ଦ୍ଦଶାର ଶୀକାର ହୋଇଛନ୍ତି। ମଧ୍ୟବି ଶ୍ରେଣୀ ଦ୍ରୁତ ସଂକୁଚିତ ହେଉଛି।

ଚାଷୀ କୁଳର ଦୁର୍ଦ୍ଦଶା ବଢି ଚାଲିଛି।୨୦୧୪ ନିର୍ବାଚନ ପୂର୍ବରୁ ଫସଲର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସ୍ୱାମୀନାଥନ କମିଶନ ସୁପାରିଶ ଲାଗୁ କରିବା ପାଇଁ ବିଜେପି ଦଳର ଅଙ୍ଗୀକାର ପାଣିର ଗାର ପ୍ରମାଣିତ ହୋଇଛି। ୨୦୨୨ ମସିହା ସୁଦ୍ଧା ଚାଷୀମାନଙ୍କ ଆୟ ଦୁଇଗୁଣ କରିବାପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା, ଘୋଷଣାରେ ରହିଯାଇଛି। ତା ବଦଳରେ ଦେଶର ସମସ୍ତ ଜମି ଓ ଉତ୍ପାଦିତ ଫସଲକୁ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବାପାଇଁ କେନ୍ଦ୍ର ବିଜେପି ସରକାର ପ୍ରଣୟନ କରିଥିବା ୩ଟି କଳା ଆଇନ ଓ ଜନବିରୋଧୀ ବିଦ୍ୟୁତ ଆଇନ ଐତିହାସିକ ଚାଷୀ ଆନ୍ଦୋଳନ ଫଳରେ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ପଛଦ୍ୱାର ବାଟେ ଏହାକୁ ଲାଗୁ କରିବା ପାଇଁ ଉଦ୍ୟମ ଚାଲିଛି। କୃଷିପାଇଁ ଆବଶ୍ୟକ ବିହନ, ସାର, ପୋକମରା ଔଷଧ, କୃଷି ଯନ୍ତ୍ରପାତିର ଦର ଓ ବିଦ୍ୟୁତ ଶୁଳ୍କ ବଢିଚାଲିଛି। ଅନ୍ୟପଟରେ ଫସଲର ଦାମ ସେହି ଅନୁପାତରେ ବଢୁନାହିଁ। ଚାଷୀର ଆୟ କମି ଚାଲିଛି। ଏହାର ସିଧାସଳଖ ପରିଣାମ ହେଉଛି କ୍ରମବର୍ଦ୍ଧମାନ ଚାଷୀ ଆତ୍ମହତ୍ୟା। ଚାଷ ଛାଡି ଚାଷୀଘରର ପିଲା ଦାଦନ ଶ୍ରମିକରେ ପରିଣତ ହେଉଛି।


*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*


## "ଇତିହାସର ଫାସୀବାଦୀକରଣ" ଉଗ୍ରତା, ଧର୍ମାନ୍ଧତା ସୃଷ୍ଟି କରିବାର ହୀନ ପ୍ରଚେଷ୍ଟା ପ୍ରତିହତ ପାଇଁ ଆଗେଇ ଆସନ୍ତୁ

କେନ୍ଦ୍ର ସରକାର କରୋନା ମହାମାରୀର ସୁଯୋଗ ନେଇ ୨୦୨୦ ମସିହା ଜୁଲାଇ ୨୯ ତାରିଖ ଦିନ ଜାତୀୟ ଶିକ୍ଷାନୀତି-୨୦୨୦କୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରି ଦେଶବାସୀଙ୍କ ଉପରେ ଲଦି ଦେଇଥିଲେ। ନୂତନ ଶିକ୍ଷାନୀତି ଆଧାରରେ କେନ୍ଦ୍ର ସରକାର ଏକତରଫା ଭାବେ ସମସ୍ତ ସ୍ତରର ଜନସାଧାରଣ, ଶିକ୍ଷକ, ଛାତ୍ର ଓ ଶିକ୍ଷାବିତ୍‌ମାନଙ୍କ ସହିତ ଚର୍ଚ୍ଚା, ଆଲୋଚନା ନ କରି ଶିଶୁଶ୍ରେଣୀ ଠାରୁ ଆରମ୍ଭ କରି ଶିକ୍ଷାର ସର୍ବୋଚ୍ଚ ସ୍ତର ଶିକ୍ଷା ପାଠ୍ୟକ୍ରମ, ପରୀକ୍ଷା ପରିଚାଳନା ତଥା ଶିକ୍ଷା ବ୍ୟବସ୍ଥା ପରିଚାଳନା ଆଦି କ୍ଷେତ୍ରରେ ଅନେକ ପରିବର୍ତ୍ତନ କରିଛନ୍ତି। ସେହି କ୍ରମରେ ସଂପ୍ରତି ଏନ୍.ସି.ଇ.ଆର୍.ଟି (NCERT) ସମସ୍ତ ପାଠ୍ୟପୁସ୍ତକରୁ ବହୁ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ, ବିଷୟବସ୍ତୁକୁ ସମ୍ପୂର୍ଣ୍ଣ ବାଦ ଦେଇଛି। ୨୦୨୩/୨୪ ଶିକ୍ଷା ବର୍ଷରୁ ଛାତ୍ରଛାତ୍ରୀମାନେ ମୋଗଲ ଶାସନର ଇତିହାସ, ଗଣତନ୍ତ୍ର ଓ ବିବିଧତା ସଂକ୍ରାନ୍ତିୟ ବିଷୟ, ଡାରଉଇନଙ୍କ ବିବ ର୍ତ୍ତନ ବାଦ, ପର୍ଯ୍ୟାୟ ସାରଣୀ, ଶିଳ୍ପ ବିପ୍ଳବ ଏହିଭଳି ଅନେକ କଥା ଆଉ ପଢିବେ ନାହିଁ। ଏହିଭଳି ବ୍ୟାପକ ପରିବର୍ତ୍ତନ ଲୋକଲୋଚନକୁ ଆସିଲାମାତ୍ରେ ହିଁ ଦେଶବ୍ୟାପୀ ଆଲୋଡନ ସୃଷ୍ଟି ହୋଇଛି। ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ଛାତ୍ର, ଅଭିଭାବମାନେ ଏହିଭଳି ପରିବ ର୍ତ୍ତନକୁ ଅଗ୍ରାହ୍ୟ କରିବା ସହ ଏହି ପଦକ୍ଷେପର ଦୃଢ ବିରୋଧ କରୁଛନ୍ତି। ତେବେ ଏହି ଲେଖାରେ ଆମେ ସମ୍ପ୍ରତି ଇତିହାସର ପୁର୍ନଲିଖନ ସଂକ୍ରାନ୍ତୀୟ ବିଷୟ ଉପରେ ସଂକ୍ଷିପ୍ତ ଆଲୋଚନା କରି ଦେଖିବା ଏଭଳି ପରିବର୍ତ୍ତନର ଅସଲ ଉଦ୍ଦେଶ୍ୟ କ'ଣ ?

### କ'ଣ ପରିବର୍ତ୍ତନ କରାଯାଉଛି

ଜାତୀୟ ଶିକ୍ଷାନୀତି-୨୦୨୦କୁ ଲାଗୁ କରିବାକୁ ଯାଇ ଏନ୍.ସି.ଇ.ଆର୍.ଟି (NCERT) ଇତିମଧ୍ୟରେ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ସଦ୍ୟ ପ୍ରକାଶ କରିଥିବା ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଇତିହାସ, ନଗର ବିଜ୍ଞାନ ଓ ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ବାଦ ଦେଇଛି। ସପ୍ତମ ଶ୍ରେଣୀ ଇତିହାସ ବହିର ତୃତୀୟ ଅଧ୍ୟାୟରେ ଥିବା ଦିଲ୍ଲୀ ସୁଲତାନ ସମ୍ପର୍କିତ ଅଧ୍ୟାୟରୁ ତିନି ପୃଷ୍ଠା ହଟେଇ ଦିଆଯାଇଛି। ବାବର, ହୁମାୟୁନ୍, ଆକବର, ଜାହାଙ୍ଗୀର, ସାହାଜାହାନ ଓ ଔରଙ୍ଗଜେବ ପ୍ରମୁଖଙ୍କ ସଂପର୍କରେ ପୂର୍ବରୁ ଯାହାସବୁ ଉଲ୍ଲେଖ ଥିଲା, ତାକୁ ବି ହଟେଇ ଦିଆଯାଇଛି। ଦ୍ୱାଦଶ ଶ୍ରେଣୀର ୨ୟଭାଗ ଇତିହାସ ବହିର ୯ମ ଅଧ୍ୟାୟରେ ଥିବା "ମୋଗଲ ଦରବାରରେ ରାଜା ଓ ଘଟଣାପଞ୍ଜି (ଷୋଡଶ ଶତାବ୍ଦୀରୁ ସପ୍ତଦଶ ପର୍ଯ୍ୟନ୍ତ)" ଶୀର୍ଷକ ଅଧ୍ୟାୟକୁ ସମ୍ପୂର୍ଣ୍ଣ ହଟେଇ ଦିଆଯାଇଛି। ସେହିପରି ଆକବରଙ୍କ ନୀତିଗୁଡ଼ିକ ସମ୍ପର୍କରେ ରହିଥିବା ଏକ ଅଧ୍ୟାୟକୁ ବି ହଟେଇ ଦିଆଯାଇଛି। ଯେଉଁଥିରେ ଆକବରଙ୍କ ପ୍ରଶାସନର ବିଶେଷତା ଏବଂ ସମାଜର ପୃଥକ ପୃଥକ ଲୋକଙ୍କ ସାମାଜିକ ରୀତିନୀତି, ଧର୍ମ ସଂପର୍କରେ ଉଲ୍ଲେଖିଥିବା ବିଷୟକୁ ବାଦ ଦିଆଯାଇଛି। ଏହାବ୍ୟତୀତ ଆକବର ସଂସ୍କୃତି ସଂପର୍କିତ ପୁସ୍ତକଗୁଡ଼ିକୁ ପାର୍ସିରେ ଅନୁବାଦ କରିବା ପ୍ରସଙ୍ଗକୁ ମଧ ବାଦ ଦିଆଯାଇଛି। ଇସଲାମର ଉଦ୍ଭବ ଓ ଭାରତରେ ଇସ୍ଲାମିକ ସଂସ୍କୃତିର ବିକାଶ ସମ୍ପର୍କିତ ଅଧ୍ୟାୟକୁ ହଟେଇ ଦିଆଯାଇଛି।

ଦ୍ୱାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ପୁସ୍ତକରେ ଥିବା "ସ୍ୱାଧୀନତା ପରଠାରୁ ଭାରତର ରାଜନୀତି" ଶୀର୍ଷକ ଅଧ୍ୟାୟରେ ୨୦୦୨ର ଗୁଜରାଟର ମୁସଲମାନ ବିରୋଧୀ ଦଙ୍ଗା ସମ୍ପର୍କିତ ବିଷୟକୁ ହଟେଇ ଦିଆଯାଇଛି। ମାତ୍ର ୧୯୮୪ ମସିହାରେ ଘଟିଥିବା ଦିଲ୍ଲୀରେ ଶିଖ ବିରୋଧୀ ଦଙ୍ଗା ପ୍ରସଙ୍ଗଟି ପୂର୍ବ ପରି ରଖାଯାଇଛି। ଜରୁରୀ ପରିସ୍ଥିତି ଶୀର୍ଷକ ଅଧ୍ୟାୟକୁ ମଧ ବାଦ ଦିଆଯାଇଛି। "ଲୋକପ୍ରିୟ ଆନ୍ଦୋଳନର ଅଭ୍ୟୁଦୟ" ବିଷୟ ଯେଉଁଥିରେ ଜୟପ୍ରକାଶଙ୍କ ନେତୃତ୍ୱରେ ଗଢିଉଠିଥିବା ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ, ଦଳିତ ଆନ୍ଦୋଳନ, ନକ୍ସାଲୱାଡ଼ି ଆନ୍ଦୋଳନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା ତାହାକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି।

ସେହିପରି ଦ୍ୱାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ବହିରେ ଗାନ୍ଧିଜୀଙ୍କ ହତ୍ୟା ସମ୍ପର୍କିତ ପ୍ରସଙ୍ଗକୁ ହଟେଇ ଦିଆଯାଇଛି। ଦେଶରେ ହିନ୍ଦୁ ମୁସଲମାନ ଏକତା ପାଇଁ ଗାନ୍ଧିଜୀଙ୍କ ଭୂମିକା, ନାଥୁରାମ


*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*

## ଦେଶର ସାଂପ୍ରତିକ ....

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ*

ବାକ୍ ସ୍ୱାଧୀନତା, ଗଣତାନ୍ତ୍ରିକ ଅଧିକାର, ସାମ୍ବିଧାନିକ ଅଧିକାର, ନାଗରିକ ଅଧିକାର ଦ୍ରୁତ ସଂକୁଚିତ ହେଉଛି। ସରକାର ବିରୋଧକୁ ଦେଶର ବିରୋଧ, ଦେଶ ପ୍ରତି ବିଶ୍ୱାସଘାତକତା, ଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ ଭାବରେ ଚିତ୍ରଣ କରାଯାଉଛି। ବିଶ୍ୱ ବାକ୍ ସ୍ୱାଧୀନତା ଓ ପ୍ରେସ ସ୍ୱାଧୀନତା ସୂଚନାଙ୍କରେ ଭାରତ ତଳକୁ ତଳକୁ ଯାଉଛି। ବିରୋଧି ସ୍ୱରକୁ ସ୍ତବ୍ଧ କରିବାପାଇଁ କେନ୍ଦ୍ର ସରକାର ଦେଶଦ୍ରୋହ ଆଇନ, ୟୁଏପିଏ ଓ ମନି ଲଣ୍ଡରିଂ ଆଇନ ଭଳି ମାରାତ୍ମକ ସୌରାଚାରୀ ଆଇନ ମାନ ପ୍ରଣୟନ ଓ କାର୍ଯ୍ୟକାରୀ କରିଛନ୍ତି। ସରକାର ଓ ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉ ଳନ କରୁଥିବା ଏବଂ ଜଳ, ଜମି, ଜଙ୍ଗଲ, ଖଣିକୁ ଏକଚାଟିଆ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦିଆଯିବାର ପ୍ରତିବାଦ କରୁଥିବା ବ୍ୟକ୍ତିମାନଙ୍କୁ ବର୍ଷ ବର୍ଷ ଧରି ବିନା ବିଚାରରେ ଜେଲରେ ଭର୍ତ୍ତି କରାଯାଉଛି। ଏହା ସହିତ ଉଗ୍ର ସାଂପ୍ରଦାୟିକ ପ୍ରଚାର ମାଧ୍ୟମରେ ଦେଶରେ ଭାତୃଘାତୀ ସଂଘର୍ଷ ସୃଷ୍ଟି କରିବାପାଇଁ ଅନବରତ ମିଥ୍ୟା ପ୍ରଚାର କରୁଥିବା ଗଣମାଧ୍ୟମ, ବ୍ୟକ୍ତିବିଶେଷ ଓ ଉଗ୍ର ସାଂପ୍ରଦାୟିକ ସଂଗଠନ ମାନଙ୍କୁ ଲଗାମଛଡା ସୁଯୋଗ ଦିଆଯାଇଛି। ସମଗ୍ର ଦେଶକୁ ସାଂପ୍ରଦାୟିକତାର ଦାବାଗ୍ନିରେ ନିକ୍ଷେପ କରିବାକୁ ଉଦ୍ୟମ କରାଯାଉଛି। ସାଧାରଣ ଲୋକଙ୍କ ଐକ୍ୟକୁ ଧ୍ୱଂସ କରି ସେମାନଙ୍କୁ ଭାତୃଘାତୀ ସଂଘର୍ଷରେ ଲିପ୍ତ କରିବାପାଇଁ ସରକାର ସିଧାସଳଖ ପ୍ରୋତ୍ସାହନ ଦେଉଛନ୍ତି। ସରକାରୀ ପୃଷ୍ଠପୋଷକତାରେ ବିଜେପି, ଆରଏସ୍ଏସ୍, ବଜରଙ୍ଗଦଳ ଭଳି ଉଗ୍ର ସାଂପ୍ରଦାୟିକ ଶକ୍ତିମାନେ ଦେଶରେ ସଂଖ୍ୟାଲଘୁ, ଦଳିତ ପ୍ରଗତିଶୀଳ ଶକ୍ତିମାନଙ୍କ ଉପରେ ଆକ୍ରମଣ କରୁଛନ୍ତି। ଭିଡ ହିଂସା ଉଦ୍‌ବେଗଜନକ ଭାବରେ ବଢିଚାଲିଛି। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରର ପ୍ରୋତ୍ସାହନରେ ଗତ ଦୁଇ ମାସ ଧରି ମଣିପୁରରେ ସାଂପ୍ରଦାୟିକ ହିଂସା ଚାଲିଛି। ଦେଶର ମରଣମୁଖୀ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସାମଗ୍ରିକ ଶ୍ରେଣୀ ସ୍ୱାର୍ଥରେ ସର୍ବାତ୍ମକ ଫାସିବାଦ ପ୍ରତିଷ୍ଠାପାଇଁ ଉଦ୍ୟମ ଚାଲିଛି। ଏହା ହେଉଛି ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ମହାଆଡମ୍ବରରେ ପାଳିତ ହେଉଥିବା ତଥାକଥିତ ଅମୃତ କାଳରେ ଦେଶର ସାଧାରଣ ଲୋକଙ୍କର ପ୍ରକୃତ ଅବସ୍ଥା।

ଗୋଟିଏ ଦିଗରେ ଦେଶର ସିଂହଭାଗ ଜନସାଧାରଣ ହାହାକାର କରୁଥିଲାବେଳେ ଅନ୍ୟପଟରେ ଦେଶର ମୁଷ୍ଟିମେୟ ଲୋକଙ୍କ ନିକଟରେ ପ୍ରାଚୁର୍ଯ୍ୟର ପାହାଡ। ଶତକଡା ୧ଭାଗ ଧନୀ ଲୋକଙ୍କ ହାତରେ ଦେଶର ୭୦ଭାଗ ସଂପଦ ଠୁଳ ହୋଇଛି। ଦରିଦ୍ର ଆହୁରି ଦରିଦ୍ର ହେଉଛି ଏବଂ ଅତି ଧନୀ(Super Rich)ମାନଙ୍କ ସଂପତ୍ତି ହୁହୁ ହୋଇ ବଢୁଚି। ସ୍ୱାଧୀନତା ପରଠାରୁ ଦେଶରେ କ୍ଷମତାସୀନ ହେଉଥିବା ସରକାରମାନେ ଗ୍ରହଣ କରିଥିବା ଆର୍ଥିକ ନୀତି ଫଳରେ ଆଜି ଦେଶରେ ଏକ କ୍ଷୁଦ୍ର ଅଥଚ ଅତ୍ୟନ୍ତ ବି ଶାଳୀ ଧନକୁବେର ଗୋଷ୍ଠି ସୃଷ୍ଟି ହୋଇଛି। ଏହି ପ୍ରକ୍ରିୟା ୧୯୯୧ ମସିହାରେ ପ୍ରଣୟନ କାରାଯାଇଥିବା ଜଗତିକରଣ, ଉଦାରିକରଣ, ଘରୋଇକରଣ ନୀତିଫଳରେ ତ୍ୱରାନ୍ୱିତ ହୋଇଛି ଏବଂ ୨୦୧୪ ମସିହାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଦଳ କ୍ଷମତାସୀନ ହେବାପରେ ଏହା ଦ୍ରୁତ ଗତିରେ ଆଗେଇ ଚାଲିଛି। ବ୍ୟାଙ୍କ, ବୀମାଠାରୁ ଆରମ୍ଭକରି ସମସ୍ତ ବିତ୍ତିୟ ଅନୁଷ୍ଠାନ ଓ ରାଷ୍ଟ୍ରାୟ କ୍ଷେତ୍ର ପୁଞ୍ଜିପତିମାନଙ୍କ ହାତକୁ ଟେକି ଦିଆ ଯାଉଛି। ସରକାରଙ୍କ ସିଧାସଳଖ ପ୍ରୋତ୍ସାହନରେ ସରକାରୀ ସଂପତ୍ତି ଲୁଣ୍ଠନ କରି ଓ ଶ୍ରମିକମାନଙ୍କୁ ଅମାନୁଷିକ ଭାବରେ ଶୋଷଣ କରି ଦେଶରେ ଶତାଧିକ ଆରବପତି ସୃଷ୍ଟି ହୋଇଛନ୍ତି। କରୋନା ମହାମାରୀ ସମୟରେ ଦେଶର ସାଧାରଣ ଲୋକ ଖାଦ୍ୟ ମୁଠିଏ ପାଇଁ ହାହାକାର କରୁଥିବାବେଳେ ଏବଂ ପ୍ରବାସୀ ମଜଦୁରମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆକୁମାରୀ ହିମାଚଳ ହଜାର ହଜାର ମାଇଲ ପାଦରେ ଚାଲୁଥିଲାବେଳେ ଦେଶର ଏକଚାଟିଆ ପୁଞ୍ଜିପତିମାନଙ୍କର ସଂପଦ ଅକଳ୍ପନୀୟ ପରିମାଣରେ ବୃଦ୍ଧି ପାଇଛି। ସଦ୍ୟ ପ୍ରକାଶିତ ଅକ୍ସଫାମ୍ ରିପୋର୍ଟ ଅନୁଯାୟୀ ଦେଶର ୨୧ଜଣ ଆରବପତିଙ୍କ ସଂପତ୍ତି ୭୦କୋଟି ଲୋକଙ୍କର ମୋଟ ସମ୍ପତ୍ତିଠାରୁ ଯଥେଷ୍ଟ ଅଧିକ। ସରକାର କିଭଳି ଦେଶର ଏକଚାଟିଆ ପୁଞ୍ଜିପତିମାନଙ୍କୁ ସହାୟତା ହେଉଛନ୍ତି ସେକଥା ହିଣ୍ଡେନବର୍ଗ ରିପୋର୍ଟରେ ସ୍ପଷ୍ଟ ହୋଇଛି। ସରକାର ଏକଚାଟିଆ ପୁଞ୍ଜିପତିମାନଙ୍କପାଇଁ ଭଣ୍ଡାର ଖୋଲି ଦେଇଛନ୍ତି। ବ୍ୟାଙ୍କରୁ ଲକ୍ଷ ହଜାର ହଜାର କୋଟି ଟଙ୍କା ଋଣ ନେଇ ଏକଚାଟିଆ ପୁଞ୍ଜିପତିମାନେ ଇଚ୍ଛାକୃତ ଭାବରେ ଋଣ ପରିଶୋଧ କରୁନାହାନ୍ତି, ସରକାର ଏହି ଇଚ୍ଛାକୃତ ଋଣ ଖିଲାପକାରୀମାନଙ୍କୁ ବିପୁଳ ପରିମାଣର ଋଣ ଛାଡ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଘନିଷ୍ଠ ବହୁ ବଡ ବଡ ପୁଞ୍ଜିପତି ବ୍ୟାଙ୍କରୁ ବିପୁଳ ପରିମାଣର ଟଙ୍କା ହଡପ କରି ସାରକାରୀ କଳର ସହାୟତାରେ ବିଦେଶକୁ ପଳାଇ ସେଠାରେ ଅୟସ କରୁଛନ୍ତି। କେବଳ ଏତିକି ନୁହେଁ, ସଂପ୍ରତି ରିଜର୍ଭ ବ୍ୟାଙ୍କ ଏକ ବିଚିତ୍ର ନିର୍ଦ୍ଦେଶ ଜାରୀ କରିଛି। ଏହି ନିର୍ଦ୍ଦେଶ ଅନୁଯାୟୀ ଯେଉଁମାନେ ଜାଣିଶୁଣି ଋଣ ପରିଶୋଧ କରୁନାହାନ୍ତି କିମ୍ବା ବ୍ୟାଙ୍କକୁ ବିଭିନ୍ନ ଭାବରେ ଠକିଛନ୍ତି କିମ୍ବା ଯେଉଁମାନେ ଫେରାର ଅଛନ୍ତି ସେମାନଙ୍କ ସହିତ ବୁଝାମଣା କରାଯିବ, ସେମାନଙ୍କର ଋଣ ମାଫ କରାଯିବ ଏବଂ ସେମାନଙ୍କୁ ଆହୁରି ଋଣ ଦିଆଯିବ। କେବଳ ଏତିକି ନୁହେଁ, ଏକଚାଟିଆ ପୁଞ୍ଜିପତିମାନଙ୍କଠାରୁ ଆଦାୟ କରାଯାଉଥିବା କର୍ପୋରେଟ୍ ଟିକସ ହ୍ରାସ କରାଯାଇଛି। ଦେଶର ଦରିଦ୍ରତମ ଲୋକଙ୍କଠାରୁ ଆଦାୟ କରାଯାଉଥିବା କର ଟିକସ ପରିମାଣ ବଢିଚାଲିଛି। ଦେଶର ଦରିଦ୍ରତମ ଶତକଡା ୫୦ଭାଗ ଲୋକଙ୍କଠାରୁ ମୋଟ୍ କରର ସିଂହଭାଗ ଆଦାୟ କରାଯାଉଥିବାବେଳେ ଏକଚାଟିଆ ପୁଞ୍ଜିପତିମାନଙ୍କଠାରୁ ମାତ୍ର ଶତକଡା ୪ଭାଗ କର ଟିକସ ଆଦାୟ କରାଯାଉଛି। ସରକାରଙ୍କ ଯୁକ୍ତି ହେଉଛି କର୍ପୋରେଟ୍ ଟିକସ ହ୍ରାସ କଲେ, ଏକଚାଟିଆ ପୁଞ୍ଜିପତିମାନଙ୍କୁ ଆଖିବୁଜା ବ୍ୟାଙ୍କ ଋଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେଲେ ଏକଚାଟିଆ ପୁଞ୍ଜିପତିମାନେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବେ, ଏହାଫଳରେ ନିଯୁକ୍ତି ସୃଷ୍ଟି ହେବ। ମାତ୍ର ସରକାରଙ୍କର ଏହି ଯୁକ୍ତି ସଂପୂର୍ଣ୍ଣ ଭ୍ରାନ୍ତ ପ୍ରମାଣିତ ହୋଇଛି।

ପୁଞ୍ଜିବାଦର ନିଜର ନିୟମରେ ତୀବ୍ର ବଜାର ସଂକଟ ଫଳରେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନେ ନୂତନ ପ୍ରକଳ୍ପରେ ପୁଞ୍ଜି ବିନିଯୋଗ କରୁନାହାନ୍ତି। ପୂର୍ବରୁ ଉଲ୍ଲେଖ କରାଯାଇଛି କଳକାରଖାନା ବନ୍ଦ ହେଉଛି। ଶ୍ରମିକ ଛଟେଇ ହେଉଛି। ଦେଶରେ ବେକାର ବାହିନୀର ଆକାର ବଢିଚାଲିଛି। ପୁଞ୍ଜି ଅଳସ ହେଉଛି। ଏହି ଅଳସ ପୁଞ୍ଜି ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଖୁଚୁରା ବ୍ୟବସାୟ, ଖାଦ୍ୟ ଦ୍ରବ୍ୟର ବ୍ୟବସାୟ ଭଳି ନିଶ୍ଚିତ ମୁନାଫା ଥିବା କ୍ଷେତ୍ରରେ ଖଟୁଛି। ଲୋକଙ୍କର କ୍ରୟ କ୍ଷମତା ହ୍ରାସ ପାଉଛି, ବଜାର ସଂକଟ ମାରାତ୍ମକ ରୂପ ଧାରଣ କରୁଛି। ପୁଞ୍ଜିବାଦୀ ବ୍ୟବସ୍ଥାର ସଂକଟର ସମସ୍ତ ବୋଝକୁ ମେହେନତୀ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଇତିହାସରେ ଫାସୀବାଦୀକରଣ ....

*ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ*

ଗୋଡ୍‌ସେ ନାମକ ଜଣେ ହିନ୍ଦୁ କଟ୍ଟରପନ୍ଥୀ ଦ୍ୱାରା ଗାନ୍ଧିଜୀଙ୍କୁ ହତ୍ୟା ଏବଂ ଏଥିପାଇଁ ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ୍‌ଙ୍କ ଦ୍ୱାରା ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ପ୍ରସାର କରୁଥିବା ଆର୍.ଏସ୍.ଏସ୍.କୁ ବେଆଇନ ଘୋଷଣା କରିବା ଆଦି ବିଷୟବସ୍ତୁକୁ ନୂତନ ପାଠ୍ୟପୁସ୍ତକରୁ ବାଦ ଦିଆଯାଇଛି।

ଦ୍ୱାଦଶ ଶ୍ରେଣୀର ବିଶ୍ୱ ରାଜନୀତି ଶୀର୍ଷକ ବହିର ପ୍ରଥମ ଅନୁଚ୍ଛେଦରେ ଥିବା 'ଶୀତଳ ଯୁଦ୍ଧ ଯୁଗ' ଏବଂ ତୃତୀୟ ଅନୁଚ୍ଛେଦରେ ଥିବା "ବିଶ୍ୱ ରାଜନୀତିରେ ଆମେରିକାର ରାଜୁତି"କୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି। ଦ୍ୱାଦଶ ଶ୍ରେଣୀ ଇତିହାସ ବହିରେ ତୃତୀୟ ଖଣ୍ଡରୁ ଭାରତ ପାକିସ୍ଥାନ ବିଭାଜନ ସମୟରେ ବହୁ ଘଟଣା, ରାଜନୀତି, ଅନୁଭୁତିଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି। ସେହିପରି ଦଶମ ଶ୍ରେଣୀ Contemporary India- ବହିରୁ ରାଷ୍ଟ୍ର ଅର୍ଥନୀତିରେ କୃଷିର ଅବଦାନ, କୃଷି ଉପରେ ଜଗତୀକରଣ ଅର୍ଥନୀତିର ପ୍ରଭାବ ସଂପର୍କିତ ବିଷୟକୁ ବାଦ ଦିଆଯାଇଛି। ଦଶମ ଶ୍ରେଣୀ Democratic Politics- II ବହିରୁ 'ଗଣତନ୍ତ୍ର ଓ ବିବିଧତା', 'ଲୋକପ୍ରିୟ ଆନ୍ଦୋଳନ ଏବଂ ସଂଗ୍ରାମ', 'ବିଭିନ୍ନ ରାଜନୈତିକ ଦଳ ସମ୍ପର୍କରେ ଥିବା ବିଷୟ', 'ଗଣତନ୍ତ୍ରର ଆହ୍ୱାନ' ଇତ୍ୟାଦି ବିଷୟଗୁଡ଼ିକୁ ସମ୍ପୂର୍ଣ୍ଣଭାବରେ ବାଦ ଦିଆଯାଇଛି। ନବମ ଶ୍ରେଣୀ Contemporary India – ଓ ବହିରୁ 'ପଶ୍ଚିମା ଝଡ୍', 'ଭାରତୀୟ ମୌସୁମୀ ବାୟୁ', 'ପ୍ରାକୃତିକ ବିବିଧତାକୁ କ୍ଷତି କରୁଥିବା କାରଣ' ଇତ୍ୟାଦି ବିଷୟବସ୍ତୁକୁ ମଧ୍ୟ ବାଦ ଦିଆଯାଇଛି।

ଏକାଦଶ ଶ୍ରେଣୀ ଭାରତୀୟ ଅର୍ଥନୀତି ବହିରୁ 'ଦରିଦ୍ରତା' ଶୀର୍ଷକ ବିଷୟକୁ ସମ୍ପର୍ଣ୍ଣ ବାଦ ଦିଆଯାଇଛି। ସେହିପରି Political Theory ବହିରୁ 'ଶାନ୍ତି' (Peace), 'ଉନ୍ନତି' (Development) ଶୀର୍ଷକ ବିଷୟବସ୍ତୁକୁ ବାଦ ଦିଆଯାଇଛି। ସେହିପରି ବିଶ୍ୱ ଇତିହାସ ବହିରୁ 'ଇସ୍‌ଲାମିକ ଦେଶ ସମୂହ', 'ସଂସ୍କୃତି', ଯୁଗାନ୍ତକାରୀ 'ଶିଳ୍ପ ବିପ୍ଳବ' ହଟାଇ ଦିଆଯାଇଛି। ଏପରିକି ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଆବଦୁଲ୍ କାଲାମ୍ ଆଜାଦଙ୍କ ଉପରେ ଥିବା ବିଷୟକୁ ମଧ୍ୟ ବାଦ ଦିଆଯାଇଛି। ଏଠାରେ ପ୍ରକାଶ ଥାଉ କି, ମୌଲାନା ଆଜାଦଙ୍କ ନାମରେ ଏମ୍‌ଫିଲ୍, ପି.ଏଚ୍‌ଡି ପାଇଁ ପୂର୍ବରୁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଉଥିବା ଛାତ୍ର ବୃତ୍ତିକୁ ମଧ୍ୟ କେନ୍ଦ୍ର ସରକାର ଦୁଇବର୍ଷ ତଳେ ବନ୍ଦ କରିଦେଇଛନ୍ତି।

### ସରକାରଙ୍କ ଯୁକ୍ତି

ସଂପ୍ରତି ଏନ୍‌ସିଇଆରଟି ପକ୍ଷରୁ କରାଯାଇଥିବା ପରିବ ନ ସମ୍ପର୍କରେ ସରକାର କହିଛନ୍ତି ଯେ, କୋଭିଡ ମହାମାରୀ ଯୋଗୁ କରାଯାଇଥିବା ଲକ୍‌ଡାଉନ୍ ପାଇଁ ପାଠ ପଢା ବନ୍ଦ ହେବା ଯୋଗୁ ବ ମାନ ପିଲାମାନେ ଗୁରୁତର ମାନସିକ ଚାପ ଦେଇ ଗତି କରୁଛନ୍ତି। ପିଲାମାନଙ୍କ ମାନସିକ ଚାପ, ବୋଝ କମ୍ କରିବା ପାଇଁ ଏହିଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆହୁରି ମଧ୍ୟ ଜାତୀୟ ଶିକ୍ଷାନୀତି ୨୦୨୦ର ସୁପାରିଶ କ୍ରମେ ପାଠ୍ୟକମ୍ର କୁ rationalisation ବା ପାଠ୍ୟକ୍ରମକୁ ଯୁକ୍ତିସଂଗତ କରିବା ପାଇଁ ଏହିଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କୁହାଯାଉଛି। ଏନ୍.ସି.ଇ.ଆର୍.ଟି ପକ୍ଷରୁ ଘୋଷଣା ହେବା ମାତ୍ରେ ଉ ରପ୍ରଦେଶ ସରକାର ଏହାକୁ ଚଳିତ ଶିକ୍ଷାବର୍ଷ ଠାରୁ ନିଜ ରାଜ୍ୟରେ ଲାଗୁ କରିବା ପାଇଁ ଘୋଷଣା କରିଛନ୍ତି। ସତେ ଯେମିତି ଉ ରପ୍ରଦେଶ ସରକାର ଏନ୍‌ସିଆଇଟି ଘୋଷଣାକୁ କେବଳ ଅପେକ୍ଷା କରିଥିଲା ! ଏପରିକି ଜଣେ ବି.ଜେ.ପି ନେତା କଣ୍ଠ ଫଟାଇ କହିବାକୁ ପଛାଇ ନାହାନ୍ତି ଯେ, ମୋଗଲମାନେ ସବୁ ଚୋର, ଲୁଟେରା, ଦୁଇ ଟଙ୍କିଆ ଦସ୍ୟୁ। ସେମାନଙ୍କ ସ୍ଥାନ ପାଠ ପୁସ୍ତକରେ ନୁହେଁ, ଅଳିଆ ଗଦାରେ ରହିବା ଦରକାର। ଏଭଳି ଯୁକ୍ତି ଉପସ୍ଥାପନ କରାଯାଇ ପାଠ୍ୟ ପୁସ୍ତକଗୁଡ଼ିକରୁ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ମନଇଚ୍ଛା ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ବାଦ ଦେଇଛନ୍ତି। ଯାହାକୁନେଇ ଦେଶ ବ୍ୟାପୀ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କଲମ୍ବିଆ ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ ଏପରିକି ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟର ୨୫୦ରୁ ଉର୍ଦ୍ଧ୍ୱ ଇତିହାସବିତ୍ ସରକାରଙ୍କ ଏତାଦୃଶ୍ୟ ପଦକ୍ଷେପକୁ ଦୃଢ ବିରୋଧ କରିବା ସହ ଏହା ଇତିହାସର ସାମ୍ପ୍ରଦାୟିକରଣ, ଫାସିବାଦୀକରଣ ବୋଲି ବର୍ଣ୍ଣନା କରିଛନ୍ତି।

### ଇତିହାସର ଫାସିବାଦୀକରଣ

ପ୍ରଥମତଃ କୋଭିଡ ଜନିତି ଚାପକୁ ହ୍ରାସ କରିବା ପାଇଁ ସରକାର ୩୦ ପ୍ରତିଶତ ପାଠ୍ୟକ୍ରମ ବାଦଦେବା ସପକ୍ଷରେ ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି ତାହା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ। ବ ମାନ ଦେଶସାରା ପୂର୍ବଭଳି ସ୍ୱାଭାବିକ ପାଠ ପଢା ଚାଲିଛି। କୌଣସି ପ୍ରକାର କୋଭିଡ୍ ଜନିତ ଚାପ ନାହିଁ। ତେଣୁ ଏହିଭଳି ନିହାତି ହାଲୁକା କଥା କହି ସରକାର ଅସଲ ଉଦ୍ଦେଶ୍ୟକୁ ଲୁଚାଇ ପାରିବେ ନାହିଁ। ଏଠାରେ ପ୍ରକାଶ୍ୟଯୋଗ୍ୟ ୨୦୨୦ ମସିହାରେ କୋଭିଡ ଲକଡାଉନ ଯୋଗୁ ଶିକ୍ଷାନୁଷ୍ଠାନଗୁଡିକ ଦୀର୍ଘ ଦିନ ବନ୍ଦ ହେବା କାରଣରୁ ସମଗ୍ର ପାଠ୍ୟକ୍ରମରୁ ବାଛି ବାଛି ୩୦ପ୍ରତିଶତ କୋର୍ସ କମ୍ କରାଯାଇଥିଲା ଏବଂ ଅବସ୍ଥା ସ୍ୱାଭାବିକ ହେଲେ ପୁରା କୋର୍ସ ପଢା ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ପରିସ୍ଥିତି ସ୍ୱାଭାବିକ ହେବା ପରେ ମଧ୍ୟ ସେ ଉଚ୍ଛେଦ ପ୍ରକ୍ରିୟା ଅବ୍ୟାହତ ରହିଛି।

ଦ୍ୱିତୀୟତଃ ପ୍ରଚଳିତ ପାଠ୍ୟ ଖସଡା ଯଦି ଛାତ୍ରଛାତ୍ରୀମାନଙ୍କ ଉପରେ ଚାପ ସୃଷ୍ଟି କରୁଛି ବୋଲି ସରକାର ମନେକରୁଛନ୍ତି ତେବେ ଏ ସକ୍ରାନ୍ତରେ ବିଭିନ୍ନ ବିଷୟରେ ଥିବା ଦକ୍ଷ ପ୍ରବୀଣ ଶିକ୍ଷାବିଦ୍‌ମାନଙ୍କୁ ନେଇ ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ବ୍ୟାପକ ଚର୍ଚ୍ଚା ଆଲୋଚନା ମାଧ୍ୟମରେ ସେମାନଙ୍କ ସୁପାରିଶ କ୍ରମେ ପଦକ୍ଷେପ ଗ୍ରହଣ କରାଯିବା ଯୁକ୍ତିଯୁକ୍ତ ହୋଇଥାନ୍ତା।ମାତ୍ର ତା' ନକରି କୋଭିଡ ଆଳ ଦେଖାଇ ରାତି ଅଧିଆ କିଛି ବସମ୍ବଦମାନଙ୍କ ମତାମତ ନେଇ ମନଇଚ୍ଛା

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଦେଶର ସାଂପ୍ରତିକ ....

*ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ*

ମଣିଷ କାନ୍ଧରେ ଲଦିଦେଇ ମେହେନତୀ ଶ୍ରମଜୀବୀ ମଣିଷକୁ ଅଧିକରୁ ଅଧିକ ନିର୍ମମ ଭାବରେ ଶୋଷଣକରି ଚୂଡାନ୍ତ ସଂକଟଗ୍ରସ୍ତ ପ୍ରତିକ୍ରିୟାଶୀଳ, ମରୁଣମୁଖୀ, ପଚମାନ ପୁଞ୍ଜିବାଦୀ ବ୍ୟବସ୍ଥାକୁ ବଂଚେଇ ରଖିବାପାଇଁ ଯତ୍‌ପରୋନାସ୍ତି ଉଦ୍ୟମ ଚାଲିଛି । ଏକଚାଟିଆ ପୁଞ୍ଜିପତି ମାନଙ୍କର ରାଜନୈତିକ ମ୍ୟାନେଜରରେ ପରିଣତ ହୋଇଥିବା କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଆଇନ କାନୁନ୍ ପ୍ରଣୟନ କରି, ରାଷ୍ଟ୍ରଶକ୍ତିକୁ ବ୍ୟବହାର କରି, ଏକଚାଟିଆ ପୁଞ୍ଜିପତିମାନଙ୍କ ଦ୍ୱାରା ଲଗାମଛଡା ଶୋଷଣର ରାସ୍ତା ପ୍ରଶସ୍ତ କରୁଛନ୍ତି । ଏହାର ଫଳଶ୍ରୁତିରେ ଦେଶରେ ସରକାରଙ୍କ ଦ୍ୱାରା ମହାଆଡମ୍ବରରେ ଅମୃତ ମହୋତ୍ସବ ପାଳନ କରାଯାଉଥିବାବେଳେ ଏବଂ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚକରି ନୂତନ ସଂସଦ ଗୃହ ଉଦ୍‌ଘାଟିତ ହେଉଥିଲାବେଳେ ଦେଶର ୩ ଜଣରୁ ୨ ଜଣ ଆଧୁନିକ ଦାସତ୍ୱର ଶିକାର ହେଉଛନ୍ତି ବୋଲି ସଦ୍ୟ ପ୍ରକାଶିତ ହୋଇଥିବା ଏକ ସର୍ଭେକ୍ଷଣରୁ ସ୍ପଷ୍ଟ ହୋଇଛି । ଆଧୁନିକ ଦାସତ୍ୱର ଅର୍ଥ ହେଉଛି ବାଧ୍ୟତାମୂଳକ ଶ୍ରମ, ଗୋତି ଶ୍ରମିକ ପ୍ରଥା, ଋଣଗ୍ରସ୍ତ ଅବସ୍ଥା, ଆର୍ଥିକ ସଂକଟ ଯୋଗୁ ଜମିବାଡି ବାସନ କୁସନ ବନ୍ଧା ପକାଇବା, ବଳପୂର୍ବକ ବ୍ୟବସାୟିକ ଯୌନ ଶୋଷଣ, ମାନବ ଚାଲାଣ, ଶିଶୁମାନଙ୍କର ଯୌନ ଶୋଷଣ ଓ ବିକ୍ରି, ବଳପୂର୍ବକ ବିବାହ ପ୍ରଭୃତିର ଶୀକାର ହେବା । ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କ ଦାବି ଅନୁଯାୟୀ ବିକାଶର ରାଜମାର୍ଗରେ ୫ଟ୍ରିଲିୟନ୍ ଅର୍ଥନୀତି ଆଡକୁ ଦ୍ରୁତ ଆଗେଇ ଚାଲିଥିବା ଭାରତର ଅସଲ ଚିତ୍ର ।

ତେବେ ଦେଶର ଏହି ପରିସ୍ଥିତି ଅପ୍ରତ୍ୟାଶିତ ନଥିଲା । ଅବିଭକ୍ତ ସିପିଆଇ ଦଳର ଅଣକମ୍ୟୁନିଷ୍ଟ ଚରିତ୍ର ଯୋଗୁ ଦେଶର ଗୌରବୋଜ୍ୱଳ ସ୍ୱାଧୀନତା ଆନ୍ଦୋଳନ ଉପରେ ଭାରତୀୟ ଜାତୀୟ ପୁଞ୍ଜିପତି ଶ୍ରେଣୀର ରାଜନୈତିକ ପ୍ରତିନିଧି କଂଗ୍ରେସ ଦଳର ନେତୃତ୍ୱ ପ୍ରତିଷ୍ଠା ହୋଇଥିଲା । ସାମ୍ରାଜ୍ୟବାଦୀ ବ୍ରିଟିଶ ସହିତ ଆପୋଷ ବୁଝାମଣା ମାଧ୍ୟମରେ ସ୍ୱାଧୀନତା ଅର୍ଜନ ଏବଂ ସ୍ୱାଧୀନ ଭାରତରେ କଂଗ୍ରେସ ଦଳ ନେତୃତ୍ୱରେ ସରକାର ପ୍ରତିଷ୍ଠା ଆଢୁଆଳରେ ଭାରତୀୟ ଜାତୀୟ ପୁଞ୍ଜିପତିମାନେହିଁ ରାଷ୍ଟ୍ର କ୍ଷମତା ଦଖଲ କରିଥିଲେ । ସ୍ୱାଧୀନତା ଅର୍ଜନ ମଧ୍ୟ ଦେଇ ରାଷ୍ଟ୍ର କ୍ଷମତା ଦଖଲ କରିଥିବା ଅପେକ୍ଷାକୃତ ଭାବରେ ଦୁର୍ବଳ ଭାରତୀୟ ଜାତୀୟ ପୁଞ୍ଜିପତି ଶ୍ରେଣୀ ସମାଜବାଦୀ ଢାଞ୍ଚାର ସମାଜ, ଗରିବି ହଟାଓ, ବ୍ୟାଙ୍କ ବୀମାର ସରକାରୀକରଣ ଓ ବହୁପ୍ରଚାରିତ ତଥାକଥିତ ମିଶ୍ର ଅର୍ଥନୀତି ଆଢୁଆଳରେ ରାଷ୍ଟ୍ରକ୍ଷମତାକୁ ବ୍ୟବହାରକରି ଦ୍ରୁତ ଶକ୍ତି ସଂଚୟ କରିଥିଲା ଏବଂ ବ୍ୟାଙ୍କପୁଞ୍ଜି ଓ ଶିଳ୍ପପୁଞ୍ଜିର ମିଶ୍ରଣ ଫଳରେ ଦେଶରେ ଏକ ଧନକୁବେର ଗୋଷ୍ଠି ସୃଷ୍ଟି ହୋଇଥିଲା । ଲଗ୍ନିପୁଞ୍ଜି ଗଢିଉଠିଥିଲା । ଏହି ପରିସ୍ଥିତିରେ ବିଗତ ଶତାବ୍ଦିର ୯୦ଦଶକର ପ୍ରାରମ୍ଭରେ ସମାଜବାଦୀ ସୋଭିଏତ୍ ୟୁନିୟନ ଏବଂ ଅତ୍ୟନ୍ତ ଶକ୍ତିଶାଳୀ ସମାଜବାଦୀ ଶିବିରରେ ବିଲୟ ଘଟିଲା । ଆମେରିକା ନେତୃତ୍ୱରେ ବିଶ୍ୱ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଶକ୍ତିମାନେ ସମଗ୍ର ବିଶ୍ୱକୁ ନିରଙ୍କୁଶ ଭାବରେ ଲୁଟ କରିବାପାଇଁ ଜଗତିକରଣ ଉଦାରିକରଣ, ଘରୋଇକରଣ ନୀତି ପ୍ରବର୍ତ୍ତନ କଲେ । ଇତି ମଧ୍ୟରେ ଯଥେଷ୍ଟ ଶକ୍ତି ଅର୍ଜନ କରିଥିବା ଭାରତୀୟ ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ଏହାର ସାମଗ୍ରିକ ଶ୍ରେଣୀ ସ୍ୱାର୍ଥରେ ବିଶ୍ୱର ଶକ୍ତିଶାଳୀ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର କନିଷ୍ଠ ଅଂଶୀଦାର ଭାବରେ ଜଗତିକରଣ ପ୍ରକ୍ରିୟାରେ ସାମିଲ ହେଲା । ଏହା ପରଠାରୁ ଦେଶରେ ଲଗାମଛଡା ଶ୍ରମିକ ଶୋଷଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା । ସମସ୍ତ ପ୍ରକାର ସବ୍‌ସିଡି ପ୍ରତ୍ୟାହାର ହେଲା । ଜନମଙ୍ଗଳ କ୍ଷେତ୍ରରୁ ସରକାର ଓହରିଗଲେ । ଭାରତୀୟ ରାଷ୍ଟ୍ର ଏହାର ସମାଜବାଦୀ ଓ ଜନମଙ୍ଗଳକାରୀ ମୁଖାଟିକୁ ପରିତ୍ୟାଗ କରି ଖୋଲାଖୋଲି ଭାବରେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କର ସେବାରେ ଲିପ୍ତ ହେଲା । ଦେଶୀ-ବିଦେଶୀ ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ନିରଙ୍କୁଶ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

## ଇତିହାସରେ ଫାସୀବାଦୀକରଣ ....

*ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ*

ବିଭିନ୍ନ ବିଷୟ ପାଠ୍ୟକ୍ରମରୁ ହଟାଇ ଦେବା ସମ୍ପୂର୍ଣ୍ଣ ଅବୈଜ୍ଞାନିକ, ଅଗଣତାନ୍ତ୍ରିକ, ଅପରାଧିସୁଲଭ ଏବଂ ସଂପୂର୍ଣ୍ଣ ହୀନ ଉଦ୍ଦେଶ୍ୟପ୍ରଣୋଦିତ । ତୃତୀୟତଃ ଏଭଳି ଆଂଶିକ ପାଠ୍ୟଦ୍ୱାରା ଛାତ୍ରଛାତ୍ରୀମାନେ ପୂର୍ଣ୍ଣାଙ୍ଗ ଇତିହାସ ଅଧ୍ୟୟନ କରିପାରିବେ ନାହିଁ । ଅର୍ଥାତ୍ ଅତୀତରେ ଘଟିଯାଇଥିବା ବିଭିନ୍ନ ଘଟଣାବଳୀ ସହିତ ଯୁକ୍ତକରି ସମାଜର କ୍ରମବିକାଶକୁ ଛାତ୍ରଛାତ୍ରୀମାନେ ଠିକ୍ ଭାବେ ଜାଣି ପାରିବେ ନାହିଁ ।

ଚତୁର୍ଥତଃ ଇତିହାସ କହିଲେ କେବଳ ଅତୀତର କିଛି ଘଟଣାବଳୀ, ଦିନ, ତାରିଖ, ନାମଗୁଡ଼ିକର ସମାହାରକୁ ବୁଝାଏ ନାହିଁ । ଇତିହାସ କହିଲେ ମାନବ ସମାଜର ବିକାଶ ଧାରା- ତା’ ସମାଜନୀତି ଠାରୁ ଆରମ୍ଭ କରି ଅର୍ଥନୀତି, ସଂସ୍କୃତି ଇତ୍ୟାଦିର ଏକ ବିଜ୍ଞାନସମ୍ମତ ସାମଗ୍ରୀକ ସୁସଂଯୋଜିତ ବିଶ୍ଳେଷଣକୁ ବଝୁ ।ଏ । ଅତୀତର ଘଟଣାବଳୀକୁ ବିଜ୍ଞାନସମ୍ମତ ପ୍ରକ୍ରିୟା ଅନୁଶୀଳନ କରି ତଥ୍ୟ ପ୍ରମାଣ ଭିତ୍ତିରେ ଇତିହାସ ଲେଖାଯାଇଥାଏ, ଯାହାକୁ historiography କୁହାଯାଏ । ଏହା କାହାର ମନଗଢା ଧାରଣା ଉପରେ, ଭଲ ଲାଗିବା ବା ମନ୍ଦ ଲାଗିବା ଉପରେ ନିର୍ଭର କରେ ନାହିଁ । ମାତ୍ର କେନ୍ଦ୍ର ସରକାର ଏସମସ୍ତ ବୈଜ୍ଞାନିକ ପଦ୍ଧତିକୁ ସମ୍ପୂର୍ଣ୍ଣ ଧ୍ୱଂସ କରି ନିଜର ହୀନ ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଇତିହାସର ବିକୃତିକରଣ କରିବାକୁ ଚେଷ୍ଟା କରୁଛନ୍ତି ।

ପଞ୍ଚମତଃ ଭାରତ ଇତିହାସ କହିଲେ କେବଳ ବୈଦିକ ଯୁଗକୁ ବୁଝାଏ ନାହିଁ । ଏହା ସିନ୍ଧୁ ସଭ୍ୟତା ଠାରୁ ଆରମ୍ଭ କରି ବୈଦିକ, ମୋଗଲ, ଇଂରେଜ ଏବଂ ଦକ୍ଷିଣ ଓ ପୂର୍ବ ଭାରତର ଇତିହାସକୁ ମଧ୍ୟ ବୁଝାଏ । ଏ ସମସ୍ତ ଇତିହାସ ପରସ୍ପର ସହିତ ସମ୍ପର୍କ ଯୁକ୍ତ । ଯଦି ଗୋଟେ ଯୁଗର ଇତିହାସକୁ ବିଚ୍ଛିନ୍ନଭାବ, ଗୋଳିଆ ମିଶାକରି ଅଧ୍ୟୟନ କରାଯାଏ ତେବେ ତାହା ହେବ ବିଖଣ୍ଡିତ ଏବଂ ଆଂଶିକ ଇତିହାସ । ଆଂଶିକ ଜ୍ଞାନ ସର୍ବଦା ପୂର୍ଣ୍ଣାଙ୍ଗ ସତ୍ୟ ଜାଣିବାରେ ପ୍ରତିବନ୍ଧକ ସୃଷ୍ଟି କରେ । ପରିଣାମ ସ୍ୱରୂପ ଉଗ୍ରତା, ଅବିଶ୍ୱାସ, ଧର୍ମାନ୍ଧତା ଉଠିବାର କ୍ଷେତ୍ର ପ୍ରସ୍ତୁତ ହୁଏ । ଇତିହାସରେ ମୋଗଲ ଯୁଗର ଅବଦାନକୁ ଅସ୍ୱୀକାର କରିବା ଅର୍ଥ ଭାରତ ଭୂଖଣ୍ଡରେ ୧୫୨୬ ମସିହାରୁ ୧୮୫୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୩୦ ବର୍ଷ ଧରି ବିକାଶଲାଭ କରିଥିବା ଏ ଦେଶର କଳା, ସାହିତ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ କଳା, ସଂଗୀତ, ରାଜନୀତି, ଶାସନନୀତି ଓ ସଂସ୍କୃତି ଆଦି ଯାହା କିଛି ଘଟିଛି ବା ସୃଷ୍ଟି ହୋଇଛି ସେ ସବୁକୁ ଅସ୍ୱୀକାର କରିବା । ଗୋଟିଏ ପଟରେ ସେସବୁରୁ ଆଗାମୀ ପିଢିକୁ ବଂଚିତ କରିବା ଏବଂ ଅନ୍ୟପଟରେ କୋମଳମତି ଶିଶୁମାନଙ୍କ ମଧ୍ୟରେ ଧର୍ମୀୟ ବିଦ୍ୱେଷର ବିଷ ମଞ୍ଜି ଭ ର୍ି କରି ସମାଜରେ ଉତ୍‌ଶୃଙ୍ଖଳତାର ଜୁଆର ସୃଷ୍ଟି କରିବା ।

ଷଷ୍ଠତଃ ଛାତ୍ରଛାତ୍ରୀମାନଙ୍କୁ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା, ବିବିଧତା, ଧାର୍ମିକ ଭାଇଚାରା ବିଷୟରେ ଜଣିବାକୁ ଦେବା, ବିଭିନ୍ନ ସମୟରେ ଓ ସ୍ୱାଧୀନ ଭାରତବର୍ଷରେ ଗଢି ଉଠିଥିବା ଲୋକପ୍ରିୟ ଜନଆନ୍ଦୋଳନ ଓ ସଂଗ୍ରାମର ଇତିହାସ ସମ୍ପର୍କରେ ନଜଣାଇବା ଅର୍ଥ ହେଉଛି ଭାରତବର୍ଷର ଆଗାମୀ ପିଢିକୁ ଅସହିଷ୍ଣୁ, ଗୋଡାଣିଆ ଓ ଭୀରୁ କରିବା ।

ସପ୍ତମତଃ ଗାନ୍ଧିଜୀଙ୍କ ହତ୍ୟା ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ବାଦଦେବା ଏବଂ ଏହି ଘଟଣାକୁ ଭିତ୍ତି କରି ଆର୍.ଏସ୍.ଏସ୍‌କୁ ବେଆଇନ୍ ଘୋଷଣା କରାଯିବା ଓ ୨୦୦୨ ମସିହାରେ ଗୁଜୁରାଟ ସାମ୍ପ୍ରଦାୟିକ ଦଙ୍ଗା ଆଦି ଘଟଣାଗୁଡ଼ିକୁ ପାଠ୍ୟପୁସ୍ତକରୁ ବାଦ ଦେବା ଅର୍ଥ ଆର୍.ଏସ୍.ଏସ୍‌ର ନୀତି ଆଦର୍ଶରେ ଗଢା ବି.ଜେ.ପି ଦଳର ଅସଲ ଚେହେରା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅନ୍ଧକାରରେ ରଖି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଗ୍ର ରାଷ୍ଟ୍ରୀୟତାବୋଧ ସୃଷ୍ଟି ପାଇଁ ଉଦ୍ୟମ କରିବା । ସୁତରାଂ ଉଦ୍ଦେଶ୍ୟମୂଳକଭାବେ ପାଠ୍ୟପୁସ୍ତକ ଗୁଡିକୁ ପାଠଶୂନ କରି ଛାତ୍ରଛାତ୍ରଙ୍କ ଭବିଷ୍ୟତକୁ ଧ୍ୱଂସ କରିବାସହ ସମାଜ ସଭ୍ୟତାର ବିକାଶଧାରାରୁ କଣ୍ଠରୋଧ କରିବାପାଇଁ ଏହା ଏକ ହୀନ ଅପରାଧିସୁଲୋଭ ପ୍ରଚେଷ୍ଟା ବୋଲି ଉପର ଆଲୋଚନାରୁ ସ୍ପଷ୍ଟ ହେଉଛି ।

### ଆଜିର ଆହ୍ୱାନ

ଇତିହାସକୁ ବଦଳାଇବାର ଚେଷ୍ଟା ବିଭିନ୍ନ ସରକାରଙ୍କ ପକ୍ଷରୁ ସ୍ୱାଧୀନତା ପୂର୍ବରୁ ଏବଂ ପରେ ବହୁବାର ହୋଇଛି । ଯିଏ ଯେତେବେଳେ ଶାସନ କ୍ଷମତାରେ ରହିଛି ତାର ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ଇତିହାସର ପୁର୍ନଲିଖନ କରିବାର ଚେଷ୍ଟା କରିଛନ୍ତି । ବ୍ରିଟିଶ ଔପନିବେଶିକ ଶାସନ ସମୟରେ ଔପନିବେଶିକ ଶାସନ ସ୍ୱାର୍ଥରେ ଶିକ୍ଷାନୀତି ଏବଂ ସେହି ଅନୁଯାୟୀ ପାଠ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଯାହାକୁ ବିରୋଧ କରି ରାଜା ରାମମୋହନ ରାୟ, ବିଦ୍ୟାସାଗର, ଜ୍ୟୋତିବା ରାଓ ଫୁଲେ, ଫକୀରମୋହନ ସେନାପତି, ଗୋପବନ୍ଧୁଙ୍କ ସମେତ ବହୁ ମହାପୁରୁଷମାନେ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ବୈଜ୍ଞାନିକ ଓ ସାର୍ବଜନୀନ ଶିକ୍ଷାନୀତି ପ୍ରଚଳନ କରିବା ସହିତ ଇଂରାଜୀ ଭାଷା ଶିକ୍ଷା ଦେବା ସହିତ ଫରାସୀ ରାଷ୍ଟ୍ର ବିପ୍ଳବ, ଶିଳ୍ପ ବିପ୍ଳବ ଏବଂ ବିଭିନ୍ନ ଦେଶରେ ଗଢି ଉଠିଥିବା ରାଜତନ୍ତ୍ର ବିରୋଧି ଗଣତାନ୍ତ୍ରିକ ବିପ୍ଳବର କଥା ଛାତ୍ରଛାତ୍ରୀମାନଙ୍କୁ ପଢାଇବାକୁ ଦାବି ଉଠାଇଥିଲେ । ଏହାଫଳରେ ଭାରତର ଜନଗଣଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଗଢିଉଠିବ ଏବଂ ଅନ୍ୟଦେଶର ମୁକ୍ତି ସଂଗ୍ରାମରୁ ଶିକ୍ଷାନେଇ ଇଂରେଜ ସାମ୍ରାଜ୍ୟବାଦ କବଳରୁ ଭାରତବର୍ଷକୁ ମୁକ୍ତ କରି ଏକ ଆଧୁନିକ ସ୍ୱାଧୀନ ରାଷ୍ଟ୍ରଭାବେ ପରିଣତ କରାଯାଇପାରିବ ବୋଲି ସେମାନେ ଆଶା କରିଥିଲେ ।

ମାତ୍ର ସ୍ୱାଧୀନତା ଆସିବା ମଧ୍ୟଦେଇ ଭାରତବର୍ଷରେ ଲାଭଭିତ୍ତିକ ପୁଞ୍ଜିବାଦୀ ବ୍ୟବସ୍ଥା ପ୍ରତିଷ୍ଠା ହେବା ପରେ ପୁଞ୍ଜିବାଦୀ ବ୍ୟବସ୍ଥାକୁ ସୁହାଇଲା ଭଳି ଇତିହାସ ରଚନାପାଇଁ ପ୍ରୟାସ ଆରମ୍ଭ ହୋଇଥିଲା । ସେହି ଅନୁଯାୟୀ ଏନ୍‌ସିଇଆର୍‌ଟି ଦ୍ୱାରା ପାଠ୍ୟ ପୁସ୍ତକ ରଚନା କରାଯାଇଥିଲା । ବିଶେଷକରି ୧୯୯୦ ମସିହା ପରେ ଚରମ ପ୍ରତିକ୍ରିୟାଶୀଳ ସାମ୍ରାଜ୍ୟବାଦୀ ଜଗତୀକରଣ ନୀତି କାର୍ଯ୍ୟକାରୀ କରାଗଲା ଏବଂ ତାର ଅନୁକୁଳ ଶିକ୍ଷାନୀତି ପ୍ରଚଳନ କରାଗଲା । ଆମେ ଜାଣନ୍ତି ଆଜି ପୁଞ୍ଜିପତିଶ୍ରେଣୀ ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରି ସମ୍ପୂର୍ଣ୍ଣ ପ୍ରତିକ୍ରିୟାଶୀଳ ଶକ୍ତିରେ ପରିଣତ ହୋଇଛି । ସମାଜରେ ଚରମ ସଂକଟ ସୃଷ୍ଟି କରିଛି । ଧନୀ ଦରିଦ୍ର ମଧ୍ୟରେ ଆକାଶ-ପାତାଳ ପ୍ରଭେଦ । ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଆଜି ଛାତ୍ର, ଯୁବକ, ମହିଳା, ଶ୍ରମିକ, ଚାଷୀ ତଥା ସମସ୍ତ ସ୍ତରର ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ । ଫଳରେ ଚତୁର୍ଦିଗ ଆଜି ସ୍ୱତସ୍ଫୂର୍ତ୍ତ ଆନ୍ଦୋଳନରେ ଫାଟି ପଡୁଛି । କାଳେ ଏହି ପୁଞ୍ଜିଭୁତ ଅସନ୍ତୋଷ ସଂଗଠିତ ରୂପ ନେଇ ଦେଶରେ ବିପ୍ଳବର ରାସ୍ତା ପ୍ରଶସ୍ତ କରିବ ସେଥିପାଇଁ ଶାସନଗାଦିରେ ଅଧିଷ୍ଠିତ ପୁଞ୍ଜିପତିଶ୍ରେଣୀ ଓ ପୁଞ୍ଜିବାଦୀ ବ୍ୟବସ୍ଥା ତାର ଶେଷ ରକ୍ଷାକବଚ ହିସାବରେ ଫାସୀବାଦ ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଛି । ଆଜି ବିଶ୍ୱର ପ୍ରାୟ ସମସ୍ତ ଦେଶରେ ଫାସିବାଦର ଲକ୍ଷଣ ଦେଖାଦେଉଛି । ଭାରତବର୍ଷ ପୁଞ୍ଜିବାଦୀ ବ୍ୟବସ୍ଥାର ସେବାଦାସ ଓ ତା’ର ଅତ୍ୟନ୍ତ ବିଶ୍ୱସ୍ତ ଦଳ ଭାବେ ୨୦୧୪ ମସିହା ପରଠାରୁ ବି.ଜେ.ପି ଆଜି ପର୍ଯ୍ୟନ୍ତ ନିରକୁଂଶ ସଂଖ୍ୟାଗରିଷ୍ଠତା ସହ କେନ୍ଦ୍ର କ୍ଷମତାରେ ଅଧିଷ୍ଠିତ । ଏହି ସରକାର ସମସ୍ତ କ୍ଷେତ୍ରର କେନ୍ଦ୍ରୀକରଣ, ଫାସିବାଦୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଅର୍ଥାତ ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ କେନ୍ଦ୍ର ସରକାରଙ୍କ ନର୍ଦ୍ଦେଶରେ ସବୁ କିଛି ପରିଚାଳିତ ହେବ । ସେହିକ୍ରମରେ ଇତିହାସ ଯାହା ଦ୍ୱାରା ଅତୀତକୁ ଠିକଭାବେ ଜାଣି ଆଗକୁ ବଢିବାରେ ସାହାଯ୍ୟ କରେ, ତା’ର ବିକୃତକରଣ କରିବା ପାଇଁ କେନ୍ଦ୍ର ସରକାର ପୁରାଦମରେ ଅ ।ଭିଡି ବାହାରିଛନ୍ତି । ଏଠି ଉଲ୍ଲେଖଯୋଗ୍ୟ ଭାରତବର୍ଷର ଛାତ୍ରଛାତ୍ରୀ ଆଜି ବିଶ୍ୱର ସର୍ବବୃହତ ଯୁବଗୋଷ୍ଠୀ । ସେଥିପାଇଁ ସେମାନଙ୍କୁ ପ୍ରକୃତ ସତ୍ୟ ଜାଣିବାରୁ ଦୂରେଇ ରଖି ଜାତି, ଧର୍ମ, ବର୍ଣ୍ଣ ଏବଂ ଆଂଚଳିକ ବିଦ୍ୱେଷର ଚକ୍ରବ୍ୟୁହରେ ବାନ୍ଧି ସେମାନଙ୍କ ମଧ୍ୟରେ ଉଗ୍ରତା, ଧର୍ମାନ୍ଧତା, କୂପମଣ୍ଡୁକତା ସୃଷ୍ଟିକରି ସେମାନଙ୍କୁ ସାମାଜିକ ମୂଲ୍ୟବୋଧ ଶୂନ୍ୟ ଯନ୍ତ୍ରମାନବରେ ପରିଣତ କରିବା ପାଇଁ ଇତିହାସର ବିକୃତିକରଣ କରାଯାଉଛି । ଯାହାଦ୍ୱାରା ପୁଞ୍ଜିବାଦୀ ଶାସନ ଶୋଷଣ ଦ୍ୱାରା ସୃଷ୍ଟ ଅର୍ଥନୈତିକ ସମସ୍ୟା ବିରୁଦ୍ଧରେ ଜନଗଣ ଆନ୍ଦୋଳନ ଗଢି ତୋଳିପାରିବେ ନାହିଁ । ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଶାସନ ବ୍ୟବସ୍ଥା ଦୀର୍ଘ ଦିନ ପର୍ଯ୍ୟନ୍ତ କାଏମ ରହିବ । ଏଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ କହିଥିଲେ “ଗୋଟିଏ ଜାତି ଖାଇବାକୁ ନ ପାଇ ମଧ୍ୟ ମେରୁଦଣ୍ଡ ସିଧା କରି ଠିଆ ହୋଇ ପାରିବ, ଯଦି ତା’ର ମନୁଷ୍ୟତ୍ୱ ଥାଏ । ଯଦି ମନୁଷ୍ୟତ୍ୱ ଚାଲିଯାଏ, ତେବେ ସେ ଜାତିର ଆଉ କିଛି ବାକି ନଥାଏ ।”

ତେଣୁ ଏହି ଭୟଙ୍କର ଆକ୍ରମଣ ବିରୁଦ୍ଧରେ ଆଜି ଜନସାଧାରଣ ବିଶେଷକରି ଛାତ୍ର ସମାଜ, ଶିକ୍ଷକ, ବୁଦ୍ଧିଜୀବୀମାନଙ୍କୁ ଦୃଢଭାବେ ଛିଡ଼ା ହେବାକୁ ପଡ଼ିବ । ସରକାରଙ୍କ ଏତାଦୃଶ୍ୟ ହୀନ ଘୃଣ୍ୟ ଉଦ୍ଦେଶ୍ୟପ୍ରଣୋଦିତ ଚକ୍ରାନ୍ତକୁ ସମସ୍ତ ଶକ୍ତି ଦେଇ ପ୍ରତିରୋଧ କରିବାକୁ ପଡିବ । ଏହା ହିଁ ହେଉଛି ଆଜି ସମୟର ଜରୁରୀ ଆହ୍ୱାନ ।

## ଦେଶର ସାଂପ୍ରତିକ ....

*ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ*

ଭାବରେ ଶ୍ରମଜୀବୀ ଜନସାଧାରଣଙ୍କୁ ଶୋଷଣ କରି ମୁନାଫାର ପାହାଡ ସୃଷ୍ଟି କରିବା ପାଇଁ ଲଗାମହୀନ ସୁଯୋଗ ପାଇଲେ। ଏହାର ଫଳଶୃତିରେ ସ୍ୱାଧୀନତାର ୭୬ ବର୍ଷପରେ ଜଗତିକରଣର ୩୦ବର୍ଷପରେ ଦେଶର ସାଧାରଣ ଲୋକଙ୍କର ଏହି ଧରଣର ହାହାକାରମୟ ଅବସ୍ଥା।

ବ୍ରିଟିଶ ସହିତ ଆପୋଷ ବୁଝାମଣା ଜରିଆରେ ସ୍ୱାଧୀନତା ଅର୍ଜନର ଏହି ଅବଶ୍ୟମ୍ଭାବୀ ପରିଣତି ସଂପର୍କରେ ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ବ୍ରିଟିଶ ଶାସିତ ଭାରତର କଲିକତା ଜେଲରେ ବନ୍ଦୀ ଜୀବନ ଯାପନ କରୁଥିବା ଜଣେ ୨୧/୨୨ବର୍ଷର ଯୁବକ ପୂର୍ବାନୁମାନ କରୁପାରିଥିଲେ। ସେହି ଯୁବକ ଜଣକ ହେଉଛନ୍ତି କମ୍ରେଡ ଶିବଦାସ ଘୋଷ। ଅବିଭକ୍ତ ଭାରତର ଢାକା ସହର ନିକଟବର୍ତ୍ତି ଏକ ଛୋଟ ଗ୍ରାମରେ ଗୋଟିଏ ନିମ୍ନ ମଧ୍ୟବି  ପରିବାରରେ ୧୯୨୩ ମସିହା ଅଗଷ୍ଟ ୫ତାରିଖରେ କମ୍ରେଡ୍ ଘୋଷ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୧୩ବର୍ଷ ବୟସରେ ସେ ସ୍ୱାଧୀନତା ଆନ୍ଦୋଳନର ଶସସ୍ତ୍ର ବିପ୍ଳବୀ ସଂଗଠନ **'ଅନୁଶୀଳନ ସମିତି'**ରେ ସାମିଲ ହୋଇଥିଲେ। ପରବର୍ତ୍ତି ସମୟରେ ସଂଗଠନର ଦାୟିତ୍ୱ ନେଇ କଲିକତା ଆସିଥିଲେ ଏବଂ ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ କାରାରୁଦ୍ଧ ହୋଇଥିଲେ। କାରାରୁଦ୍ଧ ଅବସ୍ଥାରେ ହିଁ ସେ ବୁଝିପାରିଥିଲେ ଯେ ଦେଶରେ ଗୋଟିଏ ସଠିକ୍ କମ୍ୟୁନିଷ୍ଟ ପାର୍ଟିର ଅନୁପସ୍ଥିତି ଫଳରେ ସ୍ୱାଧୀନତା ଆନ୍ଦୋଳନରେ ଦେଶର ସାଧାରଣ ଲୋକଙ୍କର ସମସ୍ତ ଆତ୍ମବଳୀଦାନ ବିଫଳ ହେବାକୁ ଯାଉଛି। ବ୍ରିଟିଶ ଶାସକ ମାନଙ୍କ ସହିତ ଆପୋଷ ବୁଝାମଣା ଜରିଆରେ ଭାରତୀୟ ପୁଞ୍ଜିପତି ଶ୍ରେଣୀ ରାଷ୍ଟ୍ରକ୍ଷମତା ଅର୍ଜନ କରିବାକୁ ଯାଉଛି। ଯାହାର ଅବଶ୍ୟମ୍ଭାବୀ ପରିଣତିରେ ଦେଶର ଜନସାଧାରଣଙ୍କର ଅବସ୍ଥା ସଂକଟାପନ୍ନ ହେବାକୁ ବାଧ୍ୟ। ଆଜି ସ୍ୱାଧୀନତା ଅର୍ଜନର ୭୬ ବର୍ଷ ପରେ କମ୍ରେଡ ଶିବଦାସ ଘୋଷଙ୍କର ପୂର୍ବାନୁମାନ ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇଛି।

କମ୍ରେଡ୍ ଶିବଦାସ ଘୋଷ କେବଳ ସ୍ୱାଧୀନ ଭାରତରେ ଦେଶର ଜନସାଧାରଣଙ୍କର ଏହି ଧରଣର ବେଦନାଦାୟକ ପରିଣତି ସଂପର୍କରେ ପୂର୍ବାନୁମାନ କରିନଥିଲେ, ପୁଞ୍ଜିବାଦୀ ଶୋଷଣ ଅତ୍ୟାଚାରରୁ ଜନସାଧାରଣଙ୍କ ମୁକ୍ତିର ହତିଆର, ଏକ ସଠିକ୍ କମ୍ୟୁନିଷ୍ଟ ପାର୍ଟି ଗଢିତୋଳିବା ପାଇଁ କାରାରୁଦ୍ଧ ଅବସ୍ଥାରେହିଁ ନିଷ୍ପତ୍ତି କରିଥିଲେ। ୧୯୪୫ ମସିହାରେ ଜେଲରୁ ମୁକ୍ତ ହେବାପରେ କମ୍ରେଡ ଘୋଷ ତାଙ୍କର ମୁଷ୍ଟିମେୟ ଘନିଷ୍ଠ ସହଯୋଦ୍ଧାଙ୍କୁ ସାଙ୍ଗରେ ଧରି ଏକ କଠିନ, କଠୋର, ଅକଳ୍ପନୀୟ ଓ ନଜିରବିହୀନ ସମାଜବାଦୀ ସଂଗ୍ରାମ ଆରମ୍ଭ କରିଥିଲେ। ସଂପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିକୁ ସାମନାକରି ସହାୟ ସମ୍ବଳହୀନ ଅବସ୍ଥାରେ ମଧ୍ୟ ଅବିଚଳ ଦୃଢତା, ଅସୀମ ସାହାସ ଓ ଧୈର୍ଯ୍ୟ ସହକାରେ ସେ ଏହି ସଂଗ୍ରାମ ପରିଚାଳନା କରିଥିଲେ। ଏହି ସମାଜବାଦୀ ସଂଗ୍ରାମର ଏକ ବିଶେଷ ପର୍ଯ୍ୟାୟରେ, ୧୯୪୮ ମସିହା ଏପ୍ରିଲ ୨୪ତାରିଖରେ, ଦେଶ ସ୍ୱାଧୀନତା ଲାଭ କରିବାର ଠିକ୍ ୮ମାସ ୯ଦିନ ପରେ, ଦେଶର ସାଧାରଣ ଲୋକ ସ୍ୱାଧୀନ ଭାରତରେ ସୁନେଲି ଭବିଷ୍ୟତର ସ୍ୱପ୍ନରେ ଉର୍ଦ୍ଧ୍ୱବାହୁ ହୋଇ ନାଚୁଥିଲା ବେଳେ, ଭାରତର ଶୋଷିତ, ନିର୍ଯ୍ୟାତିତ, ବଂଚିତ ମଣିଷର ମୁକ୍ତିର ହତିଆର ଏକମାତ୍ର ସଠିକ୍ କମ୍ୟୁନିଷ୍ଟ ପାର୍ଟି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)କୁ ପ୍ରତିଷ୍ଠା କରିଥିଲେ। ଏହି ପ୍ରକ୍ରିୟାରେ କମ୍ରେଡ୍ ଘୋଷ ମାର୍କ୍ସବାଦୀ-ଲେନିନବାଦୀ ବିଜ୍ଞାନକୁ ଆହୁରି ବିକଶିତ ଓ ସଂମୃଦ୍ଧ କରିଥିଲେ ଏବଂ ଭାରତବର୍ଷର ବିଶେଷ ପରିସ୍ଥିତିରେ ବିଶେଷିକୃତ କରିଥିଲେ। ଏହି ଦଳ ଏହାର ଜନ୍ମଲଗ୍ନରୁ ନିରଳସ ଭାବରେ ଉଚ୍ଚ ସର୍ବହରା ନୀତି ନୈତିକତା ଓ ସଂସ୍କୃତି ଭିତ୍ତିରେ ଗଣ ଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମ ପରିଚାଳନା କରିବା ମଧ୍ୟଦେଇ ଆଜି ସମଗ୍ର ଦେଶରେ ଏହାର ଉପସ୍ଥିତି ଜାହିର କରିଛି। ଏହା ସଙ୍ଗେ ସଙ୍ଗେ ଗଣ ଆନ୍ଦୋଳନର ଏକମାତ୍ର ନିର୍ଭରଯୋଗ୍ୟ ଶକ୍ତି ଭାବରେ ଜନସାଧାରଣଙ୍କ ଦ୍ୱାରା ଅଧିକରୁ ଅଧିକ ସ୍ୱୀକୃତ ହେଉଛି। ସମାଜର ବୈପ୍ଳବିକ ପରିବର୍ତ୍ତନ ସଂଗଠିତ କରିବାର ନିର୍ଭରଯୋଗ୍ୟ ହତିଆର ଭାବରେ ଚିହ୍ନିତ ହେଉଛି। ଦଳଟିକୁ ଗଢିତୋଳିବା, ସଂହତ କରିବା, ମାର୍କ୍ସବାଦୀ-ଲେନିନ୍‌ବାଦୀ ବିଜ୍ଞାନକୁ ଉତ୍ତରୋତ୍ତର ବିକଶିତ କରିବା ଏବଂ ଦଳର କାର୍ଯ୍ୟକଳାପକୁ ଦେଶର ବିଭିନ୍ନ ରାଜ୍ୟକୁ ସଂପ୍ରସାରିତ କରିବା ପାଇଁ ଦୀର୍ଘ ଅବିଶ୍ରାନ୍ତ ସଂଗ୍ରାମ ଚଳାଇ ୧୯୭୬ ମସିହା ଅଗଷ୍ଟ ୫ତାରିଖରେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷ ମାତ୍ର ୫୩ବର୍ଷ ବୟସରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।  ସେହି ମହାନ ନେତାଙ୍କର ଆବର୍ତ୍ତମାନରେ ତାଙ୍କ ପ୍ରଦର୍ଶିତ ରାସ୍ତାରେ ପାର୍ଟିର ଅଗଣିତ ନେତା, ସଂଗଠକ, କର୍ମୀ, ସମର୍ଥକମାନଙ୍କ ଦ୍ୱାରା ତାଙ୍କ ଚିନ୍ତା ଶିକ୍ଷାକୁ ଦେଶର କୋଣ ଅନୁକୋଣରେ ପ୍ରଚାର କରିବାପାଇଁ ଉଦ୍ୟମ ଜାରୀ ରହିଛି। ଦେଶବ୍ୟାପୀ ଜନସାଧାରଣଙ୍କର ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ଗଣଆନ୍ଦୋଳନ ଗଢିତୋଳିବାପାଇଁ ଉଦ୍ୟମ ଚାଲିଛି। ଏହାବ୍ୟତୀତ ନିର୍ମମ ପୁଞ୍ଜିବାଦୀ ଶୋଷଣ ଫଳରେ ଦୁର୍ଦ୍ଦଶାଗ୍ରସ୍ତ ଜନସାଧାରଣଙ୍କ ପୁଞ୍ଜିଭୂତ ଅସନ୍ତୋଷକୁ ଭିତ୍ତିକରି ଗଢିଉଠୁଥିବା ସ୍ୱତଃସ୍ଫୁର୍ତ୍ତ ଗଣଆନ୍ଦୋଳନକୁ ସଠିକ୍ ବିପ୍ଳବୀ ଆଭିମୁଖ୍ୟ ଓ ଲକ୍ଷ୍ୟରେ ପରିଚାଳିତ କରିବାପାଇଁ ଉଦ୍ୟମ କରାଯାଉଛି। ଏହି ଦଳ କ୍ରମଶଃ ମେହେନତୀ ମଣିଷର ଅଧିକରୁ ଅଧିକ ଆସ୍ଥା ଅର୍ଜନ କରୁଛି। ମାତ୍ର ବହୁପୂର୍ବରୁ ବିପ୍ଳବ ପାଇଁ ଦେଶ ଅଭ୍ୟନ୍ତରରେ ଅବସ୍ଥା ପରିପକ୍ୱ ହୋଇଥିଲେ ମଧ୍ୟ ଆଜିବି ଭାରତଭଳି ବିଶାଳ ଦେଶରେ ବିପ୍ଳବୀ ଅଭ୍ୟୁ  ।ନରେ ନେତୃତ୍ୱ ଦେଲାଭଳି ଉପଯୁକ୍ତ ସାଂଗଠନିକ ଶକ୍ତି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳ ଅର୍ଜନ କରିପାରିନାହିଁ।

ଏହିଭଳି ଏକ ଘଡିସନ୍ଧି ମୂହୁର୍ତ୍ତରେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ ଆସିଛି। ତାଙ୍କର ହାତଗଢା ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଜନ୍ମଶତବର୍ଷ ଯଥାଯୋଗ୍ୟ ମର୍ଯ୍ୟାଦାର ସହିତ ପାଳିତ ହେଉଛି। ୨୦୨୨ ମସିହା ଅଗଷ୍ଟ ୫ତାରିଖରେ ଦିଲ୍ଲୀଠାରେ ଆୟୋଜିତ ଏକ ସାଧାରଣ ସଭା ଜରିଆରେ ବର୍ଷବ୍ୟାପୀ ଜନ୍ମ ଶତବର୍ଷ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜନ୍ମ ଶତବର୍ଷ ଅବସରରେ ଦଳର ପ୍ରତ୍ୟେକ ନେତା, କର୍ମୀ ଓ ସମର୍ଥକ କମ୍ରେଡ ଶିବଦାସ ଘୋଷଙ୍କର ଚିନ୍ତା ଶିକ୍ଷା ସଂପର୍କିତ ବୁଝାମଣାକୁ ଆହୁରି ଗଭୀର କରିବା, ଏହି ଗଭୀରତର ଉପଲବ୍ଧିର ଭିତ୍ତିରେ ନିଜକୁ ଆହୁରି ଉନ୍ନତ କମ୍ୟୁନିଷ୍ଟରେ ପରିଣତ କରିବା ଏବଂ ତାଙ୍କର ଚିନ୍ତା-ଶିକ୍ଷାକୁ ଦେଶର କୋଣ ଅନୁକୋଣରେ ପ୍ରସାର ଘଟାଇ ଦଳକୁ ଗୁଣଗତ ଓ ସଂଖ୍ୟାଗତ ଦୃଷ୍ଟିରୁ ଶକ୍ତିଶାଳୀ କରିବାପାଇଁ ଦଳର ପ୍ରିୟ ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ଆହ୍ୱାନ ଦେଇଛନ୍ତି। ଦଳର ଆହ୍ୱାନରେ ସମଗ୍ର ଦେଶରେ କମ୍ରେଡ ଘୋଷଙ୍କର ଅସଂଖ୍ୟ ଅନୁଗାମୀ ଏହି ସଂଗ୍ରାମରେ ଲିପ୍ତ ରହିଛନ୍ତି। ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୩ ଅଗଷ୍ଟ ୫ତାରିଖରେ କଲିକତା ବ୍ରିଗେଡ୍ ପ୍ୟାରେଡ୍ ପଡିଆରେ ଏକ ବିଶାଳ ଜନସମାବେଶ ମଧ୍ୟଦେଇ ଶତବର୍ଷିକୀ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବରେ ଉଦ୍‌ଯାପିତ ହେବ। ଏହି ସମାବେଶରେ ଓଡିଶା ସମେତ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରୁ ବିପୁଳ ସଂଖ୍ୟକ ଲୋକ ଯୋଗ ଦେବେ। ସମାବେଶକୁ ସର୍ବୋତ ଭାବରେ ସଫଳ କରିବା ମଧ୍ୟଦେଇ ଭାରତବର୍ଷର ଗଣମୁକ୍ତିର ଏକମାତ୍ର ହତିଆର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳକୁ ଶକ୍ତିଶାଳୀ କରିବା ଏବଂ ମୁକ୍ତି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାପାଇଁ ଜନସାଧାରଣଙ୍କୁ ବିନୀତ ଅନୁରୋଧ।

# ଜଙ୍ଗଲ ସଂରକ୍ଷଣ ସଂଶୋଧାନ ବିଲ-୨୦୨୩କୁ ବାତିଲ କର

ଚୂଡାନ୍ତ ଭାବରେ ଜନବିରୋଧି ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ-୨୦୨୩ ଇତି ମଧ୍ୟରେ ଲୋକସଭାରେ ଉପସ୍ଥାପିତ ହୋଇଛି। ଜନମତର ଚାପରେ ଏହି ବିଲକୁ ତର୍ଜମା କରି ଏହା ଉପରେ ରିପୋର୍ଟ ଦେବାପାଇଁ ଜଙ୍ଗଲ ସଂପର୍କିତ ମିଳିତ ପାର୍ଲାମେଣ୍ଟାରୀ କମିଟିକୁ ପଠାଇ ଦିଆଯାଇଥିଲା। ସାଂସଦ ଗଜେନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଗତ ମଇ ୩ତାରିଖରେ ଦେଶର ଜନସାଧାରଣ, ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ, ବିଶେଷଜ୍ଞ ଓ ଏନ୍‌ଜିଓ ମାନଙ୍କଠାରୁ ବିଲ ସଂପର୍କରେ ମତାମତ ଆହ୍ୱାନ କରିଛି। ମଇ ୧୮ତାରିଖ ସୁଦ୍ଧା ମତାମତ ଦେବାପାଇଁ କମିଟି ପକ୍ଷରୁ କୁହାଯାଇଛି। ଏତେ କମ୍ ସମୟ ମଧ୍ୟରେ କୋଟି କୋଟି ଲୋକଙ୍କର, ବିଶେଷକରି ଆଦିବାସୀ ମାନଙ୍କର ଜୀବନ ଜୀବିକାକୁ ସିଧାସଳଖ ପ୍ରଭାବିତ କରୁଥିବା ଏହି ବିଲକୁ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମାକରି ଏହା ଉପରେ ମତାମତ ଦେବା ଅତ୍ୟନ୍ତ ଦୂରୁହ କାର୍ଯ୍ୟ। ତା' ସତ୍ତ୍ୱେ ମଧ୍ୟ 'ଅଲ୍ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି' ପକ୍ଷରୁ ଏକ ସ୍ମାରକପତ୍ର ମିଳିତ ସଂସଦୀୟ କମିଟି ନିକଟକୁ ପଠାଇ ଦିଆଯାଇଛି। ସଂପୂର୍ଣ୍ଣ ଭାବରେ ଜନବିରୋଧୀ ଜଙ୍ଗଲ ସଂରକ୍ଷଣ ସଂଶୋଧାନ ବିଲ ୨୦୨୩କୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ଓ ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଯଥାଯଥ ଭାବରେ ଲାଗୁ କରି ଜଙ୍ଗଲ ଅଧିବାସୀମାନଙ୍କୁ ଚାଷ ଜମି ଓ ଘର ଡିହର ପଟ୍ଟା ଦେବାକୁ ଦାବି କରାଯାଇଛି। ଏହାବ୍ୟତୀତ ବିଲ ଉପରେ ବ୍ୟାପକ ଚର୍ଚ୍ଚା ପାଇଁ ଅନ୍ୟୁନ ୧ବର୍ଷ ସମୟ ଦିଆଯିବାପାଇଁ ମଧ୍ୟ ଦାବି କରାଯାଇଛି।

କେନ୍ଦ୍ର ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ସଂସଦରେ ଉପସ୍ଥାପିତ ହୋଇଥିବା ଏହି ବିଲର ଘୋଷିତ ଉଦ୍ଦେଶ୍ୟ ହେଉଛି ୨୦୭୦ ମସିହା ସୁଦ୍ଧା ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନକୁ ଶୂନ୍ୟ ସ୍ତରକୁ ଆଣିବା। ଏହାକୁ ସରକାର ଜାତୀୟ ଲକ୍ଷ୍ୟ ଭାବରେ ଘୋଷଣା କରିଛନ୍ତି। ଏହା ବ୍ୟତୀତ ଦେଶରେ ବୃକ୍ଷ ଆଚ୍ଛାଦିତ ଅଂଚଳକୁ ଦେଶର ମୋଟ୍ ବର୍ଗଫଳର ଶତକଡା ୩ଭାଗରୁ ୧ଭାଗକୁ ହ୍ରାସ କରିବା, ୧୯୨୭ ମସିହା ଭାରତୀୟ ଜଙ୍ଗଲ ଆଇନ ଅନୁଯାୟୀ ବିଭିନ୍ନ କିସମର ଜଙ୍ଗଲ ଭାବରେ ଘୋଷିତ ଓ ବିଜ୍ଞପିତ ସମସ୍ତ ଅଂଚଳକୁ ନୂତନ ଆଇନ ଅଧିନକୁ ଆଣିବା ପାଇଁ ଏହି ବିଲରେ ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ବିଲ ଆଇନରେ ପରିଣତ ହେଲେ, ରେଳ ଲାଇନ, ବଡ ବଡ ରାସ୍ତା, ଖଣି ଖନନ, ପୋଲ, କଲଭର୍ଟ ନିର୍ମାଣ, ଚେକ୍‌ଡ୍ୟାମ ନିର୍ମାଣ, ଇକୋ ଟୁରିଜିମ୍‌ର ବିକାଶ, ବନୀକରଣ ପାଇଁ ଗଛ ଲଗାଇବା, ଚା, କଫି, ରବର, ଚାଷ, ହର୍ଟିକଲଚର, ଔଷଧିୟ ବୃକ୍ଷ ବଗିଚା ଭଳି ଅଣଜଙ୍ଗଲ କାର୍ଯ୍ୟକଳାପ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ଆଣିବାକୁ ହେବ।

ତେବେ ଏହି ବିଲକୁ ଏହିଭଳି ତରବରିଆ ଭାବରେ ଗୃହୀତ କରିବାପାଇଁ ଉଦ୍ୟମ ପଛରେ କେନ୍ଦ୍ର ସରକାରଙ୍କର  କି ଉଦ୍ଦେଶ୍ୟ ରହିଛି, ସେ ସଂପର୍କରେ ଆଲୋଚନାର ଆବଶ୍ୟକତା ରହିଛି। ଜଙ୍ଗଲ ଜମିରେ ସମସ୍ତ ପ୍ରକାର ଅଣଜଙ୍ଗଲ କାର୍ଯ୍ୟ କରିବାପାଇଁ ଦେଶର ବିଶାଳ ଜଙ୍ଗଲ ସଂପଦକୁ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବା ପ୍ରକ୍ରିୟାକୁ ସୁଗମ କରିବାପାଇଁ ଏହି ଆଇନ ପ୍ରଣୟନ କରାଯାଉଛି। ଆବାହମାନ କାଳରୁ ଜଙ୍ଗଲରେ ବସବାସ କରିଆସୁଥିବା କୋଟି କୋଟି ଦରିଦ୍ର ଆଦିବାସୀ ତଥା ନିପୀଡିତ ମଣିଷକୁ ସେମାନଙ୍କର ଭିଟାମାଟିରୁ ଅମାନୁଷିକ ଭାବରେ ଉଚ୍ଛେଦ କରି ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥରକ୍ଷା କରାଯିବ। ସ୍ୱାଧୀନତା ପୂର୍ବରୁ ଓ ପରେ ଜଙ୍ଗଲ ଅଧିବାସୀ ମାନଙ୍କର ଦୀର୍ଘ ଦିନର ଆନ୍ଦୋଳନ ଫଳରେ କେନ୍ଦ୍ରସରକାର ଜଙ୍ଗଲ ଅଧିକାର ଆଇନ-୨୦୦୬ରେ ପ୍ରଣୟନ କରିଥିଲେ। ଏହି ଆଇନ ୨୦୦୭ ମସିହାରୁ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ଏହାର ସୁଫଳରୁ ଜଙ୍ଗଲ ଅଧିବାସୀଙ୍କୁ ବଂଚିତ କରାଗଲା। ଲକ୍ଷ ଲକ୍ଷ ଆଦିବାସୀ ପରିବାର ଆବାହମାନ କାଳରୁ ଚାଷବାସ ଓ ବସବାସ କରୁଥିବା ଜମିର ପଟ୍ଟା ପାଇଲେ ନାହିଁ। ୨୦୧୯ ମସିହାରେ ସୁପ୍ରିମକୋର୍ଟ ୧୧ଲକ୍ଷ ଲୋକଙ୍କ ଜଙ୍ଗଲ ଜମି ପଟ୍ଟା ସଂକ୍ରାନ୍ତ ଆବେଦନକୁ ଖାରଜ କରିଦେଇଛି। ଏହା ସହିତ ଏହି ଆବେଦନକାରୀ ମାନଙ୍କୁ ସାଟେଲାଇଟ୍ ସହାୟତାରେ ଚିହ୍ନଟକରି ତୁରନ୍ତ ଜଙ୍ଗଲରୁ ଉଚ୍ଛେଦ କରିବାପାଇଁ ସଂପୃକ୍ତ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ବିଜେପି ସରକାର ଏହି ଦରିଦ୍ର ଆଦିବାସୀଙ୍କ ଭୋଟ ହାତେଇବାପାଇଁ ସେମାନଙ୍କୁ ବହୁ ଲୋଭନୀୟ ପ୍ରତିଶୃତି ଦେଉଛନ୍ତି। ଆଦିବାସୀମାନଙ୍କ ସ୍ୱାର୍ଥ ଓ ପ୍ରଗତି କଥା କହୁଛି। ମାତ୍ର ବାସ୍ତବରେ ଏହି ଧରଣର ମାରାତ୍ମକ ଆଇନ ପ୍ରଣୟନ କରି ଆଦିବାସୀମାନଙ୍କୁ ବାସଚ୍ୟୁତକରି ଦାଣ୍ଡର ଭିକାରିରେ ପରିଣତ କରିବାପାଇଁ ଉଦ୍ୟମ କରୁଛି। ସେଥିପାଇଁ ଏହି ବିଲ ବିରୁଦ୍ଧରେ ଦେଶବ୍ୟାପୀ ଗରିବ, ଖଟିଖିଆ, ଆଦିବାସୀ ତଥା ଜଙ୍ଗଲ ଅଧିବାସୀମାନଙ୍କର ସଂଗଠିତ ଓ ଦୀର୍ଘସ୍ଥାୟୀ ଆନ୍ଦୋଳନ ଅତ୍ୟନ୍ତ ଜରୁରୀ।

ବିଶିଷ୍ଟ ଆଦିବାସୀ ନେତା ତିଲକା ମାଝୀ, ସିଦ୍ଧୁ, କାହ୍ନୁ ଓ ବିର୍ଶା ମୁଣ୍ଡାଙ୍କ ନେତୃତ୍ୱରେ ବହୁ ରକ୍ତକ୍ଷୟୀ ଆନ୍ଦୋଳନ ଫଳରେ ବ୍ରିଟିଶ ସରକାର ଶାସନ କାଳରେ ଓ ସ୍ୱାଧୀନତା ପରେ ଭାରତ ସରକାରଦ୍ୱାରା ଛୋଟନାଗପୁର ଟେନାନ୍ସି ଆଇନ ଓ ସାନ୍ତାଳ ପ୍ରଗଣା ଟେନାନ୍ସି ଆଇନ ପ୍ରଣୀତ ହୋଇଥିଲା। ଏହି ଆଇନ ଆଦିବାସୀମାନଙ୍କ ଜମିର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ସଂପ୍ରତି ରାଜ୍ୟ ସରକାରମାନେ ଏହି ଆଇନକୁ ପରିବର୍ତ୍ତନ କରି ଆଦିବାସୀମାନଙ୍କ ଜମିକୁ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବାପାଇଁ ଷଡଯନ୍ତ୍ର କରୁଛନ୍ତି। ଏହା ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ ସମୟର ଜରୁରୀ ଆହ୍ୱାନ।

# ଆପାତଃ ଦୁଃଖମୟ ବିପ୍ଳବୀ ଜୀବନର ନିରନ୍ତର ସଂଗ୍ରାମ ଭିତରେ ଯେଉଁ ଶାନ୍ତି ଓ ଆନନ୍ଦ - ସାଧାରଣ ମଣିଷର ଆରାମ ଭିତରେ ତାର ସନ୍ଧାନ ଖୋଜି ପାଇବା ଅସମ୍ଭବ



*❧ ୧୯୬୯ ମସିହା ମାର୍ଚ୍ଚ୧୫ ତାରିଖରେ ପଶ୍ଚିମବଙ୍ଗର ଜଳପାଇଗୁଡିଠାରେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷ ଦଳର କର୍ମୀ, ସମର୍ଥକ ଓ ଦରଦୀମାନଙ୍କୁ ଏକ ଐତିହାସିକ ଉଦ୍‌ବୋଧନ ଦେଇଥିଲେ। ୧୯୭୦ ମସିହାରେ ଏହି ବକ୍ତବ୍ୟଟି ପାର୍ଟିର ବଙ୍ଗଳା ମୁଖପତ୍ର 'ଗଣଦାବୀ'ରେ ଆବଶ୍ୟକ ସଂଯୋଜନ ସହିତ ପ୍ରକାଶିତ ହୋଇଥିଲା। 'ଭାରତବର୍ଷରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କାହିଁକି ଏକମାତ୍ର ସାମ୍ୟବାଦୀ ଦଳ' ଶିରୋନାମାରେ ପରବର୍ତ୍ତି ସମୟରେ ଏହା ପୁସ୍ତିକା ଆକାରରେ ପ୍ରକାଶିତ ହୋଇଥିଲା। ଅବିଭକ୍ତ ସିପିଆଇ ଓ ବିଭିନ୍ନ ସମୟରେ ଏହି ଦଳରୁ ବିଭାଜିତ ହୋଇ ଗଢିଉଠିଥିବା କମ୍ୟୁନିଷ୍ଟ ନାମଧାରୀ ବିଭିନ୍ନ ଦଳ ମଧ୍ୟରୁ କୌଣସିଟି ମଧ କାହିଁକି ସଠିକ୍ କମ୍ୟୁନିଷ୍ଟ ଦଳ ଭାବରେ ଗଢିଉଠି ପାରିଲାନାହିଁ ଏବଂ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କେଉଁ କାରଣରୁ ଭାରତବର୍ଷର ମେହନତୀ ମଣିଷର ମୁକ୍ତିର ଏକମାତ୍ର ହତିଆର ଭାବରେ ଗଢିଉଠିଛି ସେ ସଂପର୍କରେ କମ୍ରେଡ୍ ଘୋଷ ଏହି ବହିରେ ଆଲୋଚନା କରିଛନ୍ତି। ଏହି ପୁସ୍ତିକାର ଏକ ଅଂଶ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ସ୍ଥାନିତ କରାଯାଉଛି। ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଠିକ୍ ଦୃଷ୍ଟିଭଙ୍ଗୀ ଗଢିତୋଳିବା କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଆମେ ଆଶା କରୁଛୁ। ସଂପାଦକ- ସର୍ବହରା କ୍ରାନ୍ତି❧*

x x x ପ୍ରଥମେ ହିଁ ଏହା ବୁଝିବା ଦରକାର, କମ୍ୟୁନିଷ୍ଟ ଆଦର୍ଶ ତ୍ୟାଗର ଆଦର୍ଶ ନୁହେଁ। ଆମ୍ଭେମାନେ କିଛି ତ୍ୟାଗ କରିନାହୁଁ। ଏକ କ୍ଷୁଦ୍ର ପଙ୍କିଳ ଜୀବନ ପରିତ୍ୟାଗ କରି, ଏକ ବୃହ ର, ମହତ ଜୀବନ ଗ୍ରହଣ କରିଛୁ ମାତ୍ର। ଏହାକୁ କଣ କିଏ ତ୍ୟାଗ କହିବ ? ତ୍ୟାଗ ମାନେ କ'ଣ ? ଧରନ୍ତୁ ଆପଣ ଏବେ କୁଡିଆ ଘରେ ବସବାସ କରନ୍ତି। ଆପଣ ଏହା ବଦଳରେ ବିରାଟ ଏକ ରାଜପ୍ରାସାଦରେ ଆସି ବସବାସ କରିବାକୁ ଆରମ୍ଭ କଲେ। ଏହି କୁଡିଆ ଘରଛାଡି ଆସିବାକୁ କ'ଣ ଆପଣ ତ୍ୟାଗ ବୋଲି ମନେ କରନ୍ତି ? କେହି ମନେ କରନ୍ତି ନାହିଁ, ଆପଣ ବି କରିବେ ନାହିଁ। କାରଣ ତ୍ୟାଗ ହେଉଛି, କିଛି ନ ଚାହିଁ କିଛି ପରିତ୍ୟାଗ କରିବା। ଅଥବା ସବୁ କିଛି ଦେଇଦେବା। ଏହା କ'ଣ ସେଇଆ ? ଅସଲରେ ତ ଆପଣ ଯେତେ ଛାଡି ଦେଇଛନ୍ତି, ପାଇଛନ୍ତି ତା'ଠାରୁ ଅନେକ ବେଶୀ। କମ୍ୟୁନିଷ୍ଟମାନେ ସେମାନଙ୍କ ବିପ୍ଳବୀ ଜୀବନକୁ ଏହି ରାଜପ୍ରସାଦର ଜୀବନଠାରୁ ବୃହ ର ସଂପଦ ବୋଲି ମନେ କରନ୍ତି। ଯେଉଁ ଜୀବନକୁ ଏହି ରାଜପ୍ରାସାଦର ଜୀବନଠାରୁ ବି ବୃହ ର ସଂପଦ ବୋଲି ମନେ କରନ୍ତି। ଯେଉଁ ଜୀବନକୁ ସେ ଛାଡି ଆସିଛି, ଜଣେ ବିପ୍ଳବୀ ପାଖରେ ତାହା ଏକ କୁଡିଆ ଘରର ଜୀବନଭଳି କେବଳ ଦୁଃଖମୟ ଓ ପଙ୍କିଳ ନୁହେଁ- କ୍ଷୁଦ୍ର, ନୀଚ ଏବଂ ଅବମାନନାକର ମଧ୍ୟ। ତେଣୁ ଏହି ଦିଗରୁ ବିଚାର କଲେ, ଜଣେ ପ୍ରକୃତ ବିପ୍ଳବୀ କିଛି ତ୍ୟାଗ କରିନାହିଁ। ବରଂ ଯାହା ସେ ଛାଡି ଆସିଛି, ଅର୍ଥାତ୍ ଗାଡି, ଘର, ଟଙ୍କା ପାଇସା, ଧନ ସଂପ ି, କୋଠାବାଡି, ଆରାମ ଅୟସ, ତାହା ତୁଳନାରେ ସେ ହଜାରେ ଲକ୍ଷେ ଗୁଣରେ ବଡ ଜିନିଷ ପାଇଛି- ସେ ତାର ଆତ୍ମମର୍ଯ୍ୟାଦା ବୋଧ ଫେରିପାଇଛି। **ବିପ୍ଳବୀମାନଙ୍କ ଅଭାବ ଅନଟନ, ହଜାରେ ଦୁଃଖ କଷ୍ଟ ନିର୍ଯ୍ୟାତନା, ଯାହା ଦେଖି ସାଧାରଣ ମଣିଷ ସେମାନଙ୍କ ପାଇଁ ଦୁଃଖ କରନ୍ତି, ସେହି ଆପାତଃ ଦୁଷ୍ଟ ଦୁଃଖମୟ ବିପ୍ଳବୀ ଜୀବନର ନିରନ୍ତର ସଂଗ୍ରାମ ମଧ୍ୟରେ ଲିପ୍ତରହି, ଜଣେ ବିପ୍ଳବୀ ଯେଉଁ ଶାନ୍ତି ଓ ଆନନ୍ଦ ଖୋଜିପାଏ, ସାଧାରଣ ମଣିଷ କୋଠାବାଡି, ମଟରଗାଡି, ଆରାମ ମଧ୍ୟରେ ତାହାର ସନ୍ଧାନ ଖୋଜି ପାଏ ନାହିଁ। ବିପ୍ଳବଠାରୁ ବଡ ସଂପଦ, ବିପ୍ଳବୀ ଜୀବନଠାରୁ ବଡ ଜୀବନ ତା'ର ଆଉ କିଛି ନାହିଁ।** ତେଣୁ ବିପ୍ଳବର ପ୍ରୟୋଜନରେ ବିପ୍ଳବୀ ଜୀବନକୁ ଗ୍ରହଣ କରିବାକୁ ଯାଇ କିଛି ଛାଡି ଆସିବାକୁ ସେ ତ୍ୟାଗ ବୋଲି ମନେକରେ ନାହିଁ। ଏପରିକି ନିଜ ଜୀବନକୁ ବି ନୁହେଁ। ତାହା ଯଦି ନ ହୋଇଥାନ୍ତା, ଯାହା ସେମାନେ ଛାଡି ଆସିଛନ୍ତି, ତା' ପ୍ରତି ଯଦି ତାଙ୍କର ଟିକିଏ ହେଲେ ବି ମମତ୍ୱ, କ୍ଷୋଭ ବା ବ୍ୟାଥା ପୁଞ୍ଜିଭୂତ ହୋଇ ରହିଥାନ୍ତା, ତା' ହେଲେ ଚୀନର ବିପ୍ଳବୀମାନେ ଧାରାବାହିକ ଭାବେ ୩୦ବର୍ଷ ଧରି ବଣଜଙ୍ଗଲରେ ଏପରି ମରଣପଣ ସଂଗ୍ରାମ କରିପାରିନଥାନ୍ତେ। ବିପ୍ଳବୀ ଜୀବନ ଭିତରେ ଏକ ଉଚ୍ଚମାନର ମର୍ଯ୍ୟାଦାବୋଧ ଏବଂ ଆନନ୍ଦର ସନ୍ଧାନ ନ ପାଇଥିଲେ, ଭିଏତ୍‌ନାମର ବିପ୍ଳବୀମାନେ ଏତେବଡ ଶକ୍ତି ବିରୁଦ୍ଧରେ ଦିନ ପରେ ଦିନ, ରାତି ପରେ ରାତି, ବର୍ଷ ପରେ ବର୍ଷ ଏତେ ବଡ ରକ୍ତକ୍ଷୟୀ ସଂଗ୍ରାମର ତାକତ ଖୋଜି ପାଇଥାନ୍ତେ କେଉଁଠୁ ? **କେବଳ ଜଣକ ଭିତରେ ଏହି ବିପ୍ଳବୀ ଜୀବନର ଆକାଂକ୍ଷା ଉଦ୍ଦାମ ହୋଇ ଦେଖାଦେଲେ ହିଁ ସେ ବିପ୍ଳବୀ ହୋଇପାରିବ।** ଅଥଚ ଆମ ଦେଶର କମ୍ୟୁନିଷ୍ଟମାନେ କିଛି ଛାଡିବାକୁ ହେଲେ ହିଁ ମହାତ୍ୟାଗ କରୁଛନ୍ତି ବୋଲି ମନେ କରନ୍ତି। କ'ଣ ସେମାନେ ତ୍ୟାଗ କରିଛନ୍ତି ? ଗାଡି, ଘର, ଧନ-ସଂପତ୍ତି ଆରାମ- ଏଇଆ ତ ? ସେ ଅର୍ଥରେ, ଏ ଦେଶରେ ଗାନ୍ଧିବାଦୀମାନେ ଅନେକ ବେଶୀ ତ୍ୟାଗ କରିଛନ୍ତି। କିନ୍ତୁ ଯେଉଁମାନେ କମ୍ୟୁନିଷ୍ଟ ବୋଲି ନିଜର ପରିଚୟ ଦିଅନ୍ତି, ସେମାନେ ଏହାକୁ ତ୍ୟାଗ ବୋଲି ମନେ କରିନ୍ତି କାହିଁକି ? ଯଦିଓ ଏକଥା ଠିକ୍, ଜଣେ ପ୍ରକୃତ ବିପ୍ଳବୀ ଯେତେବେଳେ ବିପ୍ଳବୀ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଆସେ, ସାଧାରଣ ମଣିଷର ଜୀବନର ସବୁ ଚାହିଦା ଯେତେବେଳେ ତା ନିକଟରେ ଅର୍ଥହୀନ ହୋଇଯାଏ, ସେତେବେଳେ ସାଧାରଣ ଲୋକ ସେହି କମ୍ୟୁନିଷ୍ଟ ମାନଙ୍କୁ, ଯେଉଁମାନେ ସବୁକିଛି ଛାଡି ବିପ୍ଳବୀ ସଂଗ୍ରାମରେ ଜୀବନକୁ ନିୟୋଜିତ କରିଛନ୍ତି, ତାଙ୍କୁ ସାଧାରଣ ଅର୍ଥରେ ମହାତ୍ୟାଗୀ ବୋଲି ମନେକରନ୍ତି; କିନ୍ତୁ ଜଣେ କମ୍ୟୁନିଷ୍ଟ ଏହାକୁ ତ୍ୟାଗ ଅର୍ଥରେ ନେବ କାହିଁକି ? ତା'ହେଲେ, ବିପ୍ଳବ ତୁଳନାରେ ଏହି ଘର-ଦ୍ୱାର, ଗାଡି-ମଟର, ଧନ-ସଂପ ି, ଆରମ- ଏହି ବସ୍ତୁଗୁଡିକୁ ହିଁ ସେମାନେ ବେଶି ମୂଲ୍ୟବାନ ବୋଲି ମନେକରନ୍ତି; ତେଣୁ ଯେଉଁମାନେ ଦେଶପାଇଁ ଏତେ ତ୍ୟାଗ କଲେ ବୋଲି ମନେକରନ୍ତି, ବିନିମୟରେ ଆସେ ସେମାନଙ୍କର କିଛି ପାଇବାର ମନୋଭାବ- ତାହା ଧନ ସଂପତ୍ତି ହେଉ ବା ପଦପଦବୀ ହେଉ। ଆମ ଦେଶର କମ୍ୟୁନିଷ୍ଟମାନେ ମଧ ଏହି ତ୍ୟାଗ ବିନିମୟରେ ଆଜି କିଛି ପାଇବାକୁ ଚାହୁଁଛନ୍ତି। ସେମାନଙ୍କ ତ୍ୟାଗ ଆଜି ସାରା ଦେଶ ଉପରେ ଏକ ବୋଝ ହୋଇ ଦେଖାଦେଇଛି।

ଅବଶ୍ୟ ଏକଥା ଠିକ୍, ସେମାନଙ୍କ ମଧ୍ୟରେ ଏପରି ଅନେକ ଅଛନ୍ତି, ଯେଉଁମାନେ ଧନସଂପତ୍ତି ବା ପଦ ପଦବୀ ଏସବୁ କିଛି ଚାହୁଁ ନାହାନ୍ତି, ସେମାନେ ବିପ୍ଳବ ଚାହାଁନ୍ତି, କିନ୍ତୁ ସେମାନଙ୍କର ବି ମନୋଭାବ ଏହିଭଳି ଯେ ସେମାନେ ବିପ୍ଳବ ପାଇଁ ବ୍ୟକ୍ତିଗତ ଅନେକ କିଛି ତ୍ୟାଗ କରିଛନ୍ତି ବା କରୁଛନ୍ତି। ତ୍ୟାଗର ଏହି ମନୋଭାବ ମନ ଭିତରେ ଲୁକ୍କାୟିତ ଥିଲେ ପରିଣତି କ'ଣ ହୁଏ ? ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା ଭିତରେ ଅଥବା ସଂଗ୍ରାମ ମଧ୍ୟରେ ଇପ୍‌ସିତ ଫଳ ଲାଭ ନହେଲେ ସେମାନେ ଧୀରେ ଧୀରେ ମଣିଷର କ୍ଷମତା(Human Effort) ଉପରେ ବିଶ୍ୱାସ ହରାଇ ବସନ୍ତି। ଯେଉଁମାନେ ଗାଡିମଟର ଘରବାଡି ଚାହୁଁ ନାହାନ୍ତି, କ୍ଷମତା ଲୋଭ ବା ଦ୍ୱନ୍ଦ୍ୱ ଭିତରକୁ ଆସିବାକୁ ଚାହୁଁ ନାହାନ୍ତି, ସେହିଭଳି ଗାନ୍ଧିବାଦୀ ମାନଙ୍କ ପରିଣତି ଆମ ଦେଶରେ କଣ ହେଉଛି ? ଯଦିଓ ସେମାନେ ଏହି ତ୍ୟାଗୀମାନଙ୍କ ଭିତରେ ବ୍ୟତିକ୍ରମ କିନ୍ତୁ - They have become frustrated, cynic and have lost all faith in human effort- ଅର୍ଥାତ୍ ମଣିଷ ପ୍ରତି, ମଣିଷର ଭବିଷ୍ୟତ ଗଢିତୋଳିବା ସଂଗ୍ରାମ ପ୍ରତି, ସେମାନେ ଆସ୍ଥା ହରାଇ ବସିଛନ୍ତି। ସେମାନେ ନିଷ୍କ୍ରିୟ ହୋଇପଡିଛନ୍ତି। ସେମାନେ ଏକ ପ୍ରକାର ନିରାଶାବାଦୀ Cynic। ଫଳରେ ତ୍ୟାଗ ଧର୍ମର ଏହି ଦୁଇଟି ଦେଉଛି ଚରମ ପରିଣତି। ହୁଏତ ତ୍ୟାଗ ବିନିମୟରେ ଆସେ କିଛି ପାଇବାର ମନୋଭାବ- ତା' ଯେଉଁ ରୂପରେ ହିଁ ହେଉ, ଆଉ ନହେଲେ ସମୟର ଗତିପଥରେ ଯଦି ଜୀବନର ଆକାଂକ୍ଷିତ ସଫଳତା ନଆସେ, ତା'ହେଲେ ସଂଗ୍ରାମର ଜଟିଳ ଅବସ୍ଥାରେ ବ୍ୟର୍ଥତା ସାମନାରେ ପଡି ହତାଶା ଦେଖାଦିଏ, ସେମାନେ ମଣିଷର ସମସ୍ତ କ୍ଷମତା ଏବଂ ସଂଗ୍ରାମ ଉପରେ ଆସ୍ଥା ହରାଇ ବସନ୍ତି। ପୁଣି ଏହିଭଳି ଅବସ୍ଥାରେ ସେମାନଙ୍କର ଏକଦା ଅର୍ଜିତ ବିପ୍ଳବୀ ଚିରତ୍ରର ଗୁଣାବଳୀ ସବୁ ମରିବାକୁ ଲାଗେ ଏବଂ ସେହି ଅର୍ଥରେ ପୂର୍ବତୁଳନାରେ ଜୀବନ କ୍ଷେତ୍ରରେ ଅଧଃପତନ ଘଟିଥାଏ। ଅର୍ଥାତ୍ ମୁଁ କହିବାକୁ ଚାହୁଁଛି ଯେଉଁମାନେ ଗାଡି, ଘର, ସଂପ ି ଚାହିଁଲେ ନାହିଁ, ସେମାନଙ୍କ କ୍ଷେତ୍ରରେ ବି ଯଦି ତ୍ୟାଗ ସଂପର୍କରେ ଯଥାର୍ଥ ମାର୍କ୍ସବାଦ ସମ୍ମତ ଧାରଣା ନଥାଏ, ତା' ହେଲେ କ'ଣ ହୁଏ ? ସେମାନେ ସବୁକିଛି ଦେଖି ଶୁଣି ହତାଶ ହୋଇ ଯାଆନ୍ତି, ମଣିଷର ସମସ୍ତ କ୍ଷମତା ଏବଂ ସଂଗ୍ରାମ ଉପରେ ଆସ୍ଥା ହରାଇ ବସନ୍ତି, ଅଥବା ନିରାଶାବାଦୀ(Cynic) ହୋଇ ପଡନ୍ତି।

## ତ୍ୟାଗଧର୍ମୀ ଆଦର୍ଶର ମନୋଭାବ ଭିତରେ ବିନିମୟରେ କିଛି ପାଇବାର ଆକାଂକ୍ଷା ରହିଥାଏ।


ଆପଣମାନଙ୍କୁ ମନେରଖିବାକୁ ହେବ, ତ୍ୟାଗର ଆଦର୍ଶ ବିପ୍ଳବୀ ଆଦର୍ଶ ନୁହେଁ। ତେଣୁ, ମୁଁ ଯେଉଁ କଥା କହିଥିଲି, ଆମ୍ଭେମାନେ କିଛି ହିଁ ତ୍ୟାଗ କରିନାହୁଁ। ଏକ କ୍ଷୁଦ୍ର, ସାଧାରଣ ଓ ପଙ୍କିଳ ଜୀବନ ପରିତ୍ୟାଗ କରି ଆଜିକାର ଦିନର ବୃହ ମ ଏବଂ ମହ ମ ଜୀବନ ଗ୍ରହଣ କରିଛୁ ମାତ୍ର। କାହିଁକି ନା ଆମେ ଜାଣୁ, ଏହି ସାଧାରଣ ଜୀବନକୁ ଛାଡି ନପାରିଲେ, ଏକ ବିପ୍ଳବୀ ଜୀବନ ପାଇବା ସମ୍ଭବ ନୁହେଁ। ତେଣୁ ଏହି ଛାଡିବାଟା ଆମ ପାଖରେ ତ୍ୟାଗ ନୁହେଁ, କୌଣସି ପ୍ରକୃତ ବିପ୍ଳବୀ ପାଖରେ ହିଁ ନୁହେଁ। ଅନ୍ୟଦିଗରେ କଉପିନି ପିନ୍ଧିବା ବା ଝୁମ୍ପୁଡିରେ ରହିବାଟା ବି ଶ୍ରମିକଶ୍ରେଣୀ ଜୀବନଯାତ୍ରାର ଆଦର୍ଶ ନୁହେଁ। ଏହାତ ଆମ ଦେଶର ପୁଞ୍ଜିବାଦୀ ଶୋଷଣର ଫଳ ସ୍ୱରୂପ ସେମାନଙ୍କ ଜୀବନରେ ଦେଖା ଦେଉଛି। ଫଳରେ ପୁଞ୍ଜିବାଦର ଯନ୍ତାରେ ପେଷିହୋଇ, ଏକ ଦିଗରେ ଆର୍ଥିକ ଦୁର୍ଦ୍ଦଶା, ଅପରଦିଗରେ ସଂସ୍କୃତିଗତ ଭାବରେ ବୁର୍ଜୁଆ ପ୍ରଭାବ ଏବଂ ଅଶିକ୍ଷା ଯୋଗୁ ସେମାନଙ୍କ ଭିତରେ ଯେଉଁ ଜୀବନଯାତ୍ରା, ଯେଉଁ ସଂସ୍କୃତିଗତ ଓ ରଚିଗତ ମାନ ପ୍ରତିଫଳିତ ହେଉଛି, ତାହା ବିପ୍ଳବୀ ସର୍ବହରା ସଂସ୍କୃତି ନୁହେଁ। ଏହାତ ତାଙ୍କୁ ଏହି ଦୀନହୀନ ଅବସ୍ଥା ଭିତରେ ପକାଇ ଦେଇଛି। ପୁଞ୍ଜିବାଦକୁ ଉଚ୍ଛେଦ କରି, ଭଲ ଖାଇବା, ଭଲ ପିନ୍ଧିବା ଏବଂ ଉନ୍ନତତର ଆଦର୍ଶ, ସଂସ୍କୃତି, ରଚି, ମୂଲ୍ୟବୋଧ ଭି ିରେ ଉନ୍ନତତର ଜୀବନ ପାଇଁ ହିଁ ତାଙ୍କର ସଂଗ୍ରାମ। ତା'ହେଲେ ସେହି ଶ୍ରମିକ ପାଖକୁ ଚିରା ଲୁଗା ପିନ୍ଧି ତ୍ୟାଗର ପ୍ରତିମୂର୍ତ୍ତି ସାଜି ଯିବା ଦରକାର କଣ ? ଭଲ ପୋଷାକ ନଥିଲେ ଯାହା ଅଛି ତାକୁ ପିନ୍ଧି ହିଁ ଯିବାକୁ ପଡିବ। କିନ୍ତୁ ଭଲ ଲୁଗାପଟା ଥିଲେ, ତାକୁ ଲୁଚେଇ ରଖି ମିଥ୍ୟାଚାର କରିବା ଦରକାର କ'ଣ ? ଏହି ପ୍ରକାର ମିଥ୍ୟାଚାର ଫଳରେ ଆମ ଦେଶର ସାଧାରଣ ଲୋକଙ୍କ ଭିତରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି। ସେମାନେ ଏତେ ସବୁ ବିଚାର କରନ୍ତି ନାହିଁ। ବରଂ ସେମାନେ ଯଦି ଦେଖନ୍ତି, ଜଣେ ନେତା ଯାହାଙ୍କର ହୁଏତ କିଛି ନାହିଁ, ବ୍ୟକ୍ତିଗତ କୌଣସି ସଂପତ୍ତି ନାହିଁ, ରାଜନୈତିକ ଆନ୍ଦୋଳନରେ ସର୍ବସ୍ୱ ଦେଇ ଦେଇଛନ୍ତି, ପାର୍ଟି ପାଇଁ ସବୁକିଛି ଦେଇ ଦେଇଛନ୍ତି, ଅଥଚ ପାର୍ଟିର କୌଣସି ଦରଦୀ ବନ୍ଧୁ ବା କେହି ତାଙ୍କୁ ହଳେ 'କୋର୍ଟ-ପ୍ୟାଣ୍ଟ' ଦେଇଛନ୍ତି, ସେହି କୋର୍ଟ-ପ୍ୟା ପିନ୍ଧି ସେ ବୁଲି ବାହାରନ୍ତି, ସାରା ଶୀତଦିନ ସେହି ହଳେ 'କୋର୍ଟ-ପ୍ୟାଣ୍ଟ' ସେ ବ୍ୟବହାର କରନ୍ତି - ତାଙ୍କୁ ସେମାନେ ମନେ କରନ୍ତି ମସ୍ତବଡ ବାବୁ, ବେଶ୍ ବଡଲୋକ, ବେଶ ପଇସା ପତ୍ର ଅଛି। ମୁଁ ଆଗରୁ କହିଛି, ଗାନ୍ଧିବାଦୀ ସ୍ୱଦେଶୀ ନେତାମାନଙ୍କ ଆଚରଣ ଫଳରେ ଦେଶରେ ଗୋଟିଏ ଧାରଣା ସୃଷ୍ଟି ହୋଇଛି, ଯଦି ନେତାମାନେ ଭଲ ଜାମାଲୁଗା ପିନ୍ଧନ୍ତି, ପ୍ରୟୋଜନରେ ବି ଗାଡିରେ ଚଢନ୍ତି, ତା'ହେଲେ ସର୍ବନାଶ ହେଲା, ସେମାନେ ଆଉ ଦେଶକୁ ଭଲପାଆନ୍ତି ନାହିଁ, ଜନସାଧାରଣଙ୍କୁ ଭଲ ପାଆନ୍ତି ନାହିଁ - ଏହିଭଳି ଏକ ଧାରଣା ପ୍ରାୟ ସମସ୍ତ ଲୋକଙ୍କ ଭିତରେ ବଦ୍ଧମୂଳ ହୋଇଯାଇଛି। ପୁଣି କିଛି ନେତା ଏସବୁକୁ କୁସଂସ୍କାର(Prejudice) ବୋଲି କହି, ମାକ୍ସ, ଏଙ୍ଗେଲ୍ସଙ୍କ ଦୃଷ୍ଟାନ୍ତ ଦେଇ ନିଜେ ଗାଡି-ମଟର ଦାମୀ ପୋଷାକ ବ୍ୟବହାର କରୁଛନ୍ତି; ଜନସାଧାରଣ ଓ ଦଳର ଏସବୁ ଦେବାର କ୍ଷମତା ଅଛି କି ନାହିଁ ତା' ବିଚାର ପର୍ଯ୍ୟନ୍ତ କରୁ ନାହାନ୍ତି। x x x

# ମଇ ୩ତାରିଖରୁ ମଣିପୁରରେ ଲାଗିରହିଥିବା ବ୍ୟାପକ ସାଂପ୍ରଦାୟିକ ନରସଂହାର, ଜଳାପୋଡା ଓ ଏହା ଫଳରେ ଜନଜୀବନର ବିପର୍ଯ୍ୟସ୍ତ ଅବସ୍ଥା ପ୍ରତିବାଦରେ ଜୁନ ୩୦ ସର୍ବଭାରତୀୟ ପ୍ରତିବାଦ ଦିବସ ପାଳନ କରିବାକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଆହ୍ୱାନ

ଜୁନ୍ ୨୬ତାରିଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ମଣିପୁର ପ୍ରସଙ୍ଗରେ ନିମ୍ନୋକ୍ତ ବିବୃତି ଜାରୀ କରିଛନ୍ତି।

ଆମେ ଗଭୀର ଉଦ୍‌ବେଗର ସହିତ ଲକ୍ଷ୍ୟ କରୁଛୁ ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଦ୍ୱାରା ପୂର୍ବ ପରିକଳ୍ପନା ଅନୁଯାୟୀ ଓ ସେମାନଙ୍କର ସଂପୂର୍ଣ୍ଣ ସମର୍ଥନରେ ମଇ ୩ତାରିଖରୁ ମଣିପୁରରେ ଆରମ୍ଭ ହୋଇଥିବା ମାରାତ୍ମକ ସାଂପ୍ରଦାୟିକ ଦାବାଗ୍ନିରେ ଶହ ଶହ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି, ବ୍ୟାପକ ପୋଡାଜଳା ଜାରୀ ରହିଛି। ଗଭୀର କ୍ଷୋଭର ସହିତ ଆମେ ଲକ୍ଷ୍ୟ କରୁଛୁ ଯେ ସମଗ୍ର ରାଜ୍ୟ ଜଳୁଥିଲାବେଳେ ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ନିରବଦ୍ରଷ୍ଟା ସାଜିଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ସାମାନ୍ୟ ଉଦ୍‌ବେଗ ମଧ୍ୟ ପ୍ରକାଶ କରିନାହାନ୍ତି। ନିଜର ଭେଦ ଶାସନନୀତିକୁ ବଳବ ର ରଖିବା ଏବଂ ଭୋଟବ୍ୟାଙ୍କ ସୃଷ୍ଟି କରିବାପାଇଁ କେନ୍ଦ୍ର ସରକାର ଇଚ୍ଛାକୃତ ଭାବରେ ଏହି ସାଂପ୍ରଦାୟିକ ଦ୍ୱନ୍ଦ୍ୱକୁ ପ୍ରୋତ୍ସାହିତ କରୁଛି। ଏହା ହେଉଛି ଜାତି, ଧର୍ମ, ବର୍ଣ୍ଣ, ଜନଗୋଷ୍ଠି ନିର୍ବିଶେଷରେ ସାଧାରଣ ଲୋକଙ୍କ ଜୀବନ ସହିତ ଖେଳ। ଆମେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦଙ୍ଗା ପ୍ରୋତ୍ସାହନକାରୀ ଭୂମିକାର ତୀବ୍ର ନିନ୍ଦା କରିବା ସଙ୍ଗେ ସଙ୍ଗେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାପାଇଁ, ଶାନ୍ତି ପ୍ରତିଷ୍ଠା ପାଇଁ ଏବଂ ଜନସାଧାରଣଙ୍କ ଅମୂଲ୍ୟ ଜୀବନ ରକ୍ଷା କରିବାପାଇଁ ତୁରନ୍ତ ସାଂପ୍ରଦାୟିକ ଦଙ୍ଗାକୁ ଦୃଢ ହସ୍ତରେ ଦମନ କରିବାକୁ ସରକାରଙ୍କ ନିକଟରେ ପୁଣିଥରେ ଦାବି କରୁଛୁ। ଇଚ୍ଛାକଲେ ସାମାନ୍ୟ କେତେ ଘଣ୍ଟା ମଧ୍ୟରେ ହିଁ ସେମାନେ ଏହା କରିପାରିବେ।

ଏହା ସଙ୍ଗେ ସଙ୍ଗେ ବିଚ୍ଛିନ୍ନତାବାଦୀ, ଉଗ୍ରବାଦୀ ଓ ଉଗ୍ର ସାଂପ୍ରଦାୟିକ ଶକ୍ତିମାନଙ୍କୁ ଜନସାଧାରଣଙ୍କ ଠାରୁ ବିଚ୍ଛିନ୍ନ କରିବା ଏବଂ ଜନସାଧାରଣଙ୍କର ଜ୍ୱଳନ୍ତ ସମସ୍ୟାକୁ କେନ୍ଦ୍ରକରି ମିଳିତ ଗଣତାନ୍ତ୍ରିକ ଆନ୍ଦୋଳନ ଗଢିତୋଳିବା ଏବଂ ଏହି ରାସ୍ତାରେ ମଣିପୁରର ସମସ୍ତ ସ୍ତରର ଜନସାଧାରଣଙ୍କ ମଧ୍ୟରେ ଦୃଢ ଐକ୍ୟ ଓ ଭ୍ରାତୃତ୍ୱ ଗଢିତୋଳିବାପାଇଁ ଆମେ ସେହି ରାଜ୍ୟର ସମସ୍ତ ସ୍ତରର ଶାନ୍ତିପ୍ରିୟ ଜନସାଧାରଣଙ୍କୁ ନିବେଦନ କରୁଛୁ।



ମଣିପୁରରେ ଖେଳାଯାଉଥିବା ରକ୍ତର ହୋରିରେ ସରକାରଙ୍କର ସହଯୋଗୀତା ପ୍ରତିବାଦରେ ଆଗାମୀ ଜୁନ ୩୦ତାରିଖରେ ସର୍ବଭାରତୀୟ ପ୍ରତିବାଦ ଦିବସ ପାଳନ କରିବାପାଇଁ ଆମେ ଦେଶର ଜନସାଧାରଣଙ୍କୁ ଆହ୍ୱାନ ଦେଉଛୁ।

# ଇଉରୋପ ଓ ଆମେରିକାରେ ଶ୍ରମିକ ଶ୍ରେଣୀର ଆନ୍ଦୋଳନ ନୂଆ ଇତିହାସ ରଚନା କରିଛି।

ସଂପ୍ରତି ବ୍ରିଟେନ, ଯୁକ୍ତରାଷ୍ଟ୍ର ଆମେରିକା ଓ ଫ୍ରାନ୍ସରେ ଶ୍ରମିକ ଧର୍ମଘଟର ଉତ୍ତାଳ ଜୁଆର ଦେଖିବାକୁ ମିଳୁଛି। ବ୍ରିଟେନ ସମେତ ସମଗ୍ର ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ବ୍ୟବସ୍ଥା ଆଜି ଗଭୀର ସଂକଟରେ ନିମଜ୍ଜିତ। ମାଲିକମାନଙ୍କ ମୁନାଫାପାଇଁ ନିଜ ଜୀବନକୁ ନିଃଶେଷ କରିଦେଇଥିବା ଶ୍ରମିକ ଶ୍ରେଣୀହିଁ ପୁଞ୍ଜିବାଦୀ ସଂକଟର ସମସ୍ତ ବୋଝ ବୋହିବାକୁ ବାଧ୍ୟ ହେଉଛି। ଲେଅଫ୍ ଡଟ୍ ଫାଇ ୱେବସାଇଟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ମେଟା, ଆମାଜନ, ଗୁଗୁଲ, ମାଇକ୍ରୋସଫ୍ଟ, ସମେତ ଅସଂଖ୍ୟ ଆଇଟି କମ୍ପାନୀ ଓ ବୃହତ କର୍ପୋରେସନ ୨୦୨୨-୨୩ ମସିହାରେ ଦୁଇ ଲକ୍ଷରୁ ଅଧିକ ଶ୍ରମିକ ଛଟେଇ କରିଛନ୍ତି। ମାଲିକ ଶ୍ରେଣୀର ଏହି ଅନ୍ୟାୟ ଛଟେଇ, ଲେଅଫ୍, କାମର ବୋଝ ବୃଦ୍ଧିକରିବା ପ୍ରତିବାଦରେ ଆମେରିକା, ବ୍ରିଟେନ ଓ ଫ୍ରାନ୍ସର ସହର ଗୁଡିକରେ ଶ୍ରମିକ ଆନ୍ଦୋଳନର ଉତ୍ତାଳ ତରଙ୍ଗ ଦେଖିବାକୁ ମିଳୁଛି। ଭାରତରେ ଶ୍ରମିକ ଆନ୍ଦୋଳନକୁ ବିରୋଧ କରିବାକୁ ଯାଇ ଯେଉଁ ଗଣମାଧ୍ୟମ ଦିନେ ଆମେରିକା ଓ ୟୁରୋପର ଶିଳ୍ପକ୍ଷେତ୍ର ସଂପର୍କରେ ଗୋଲାପୀ ଚିତ୍ର ତୋଳିଧରିବାକୁ ଉଦ୍ୟମ କରୁଥିଲା, ସେହି ସମସ୍ତ ଗଣମାଧ୍ୟମ ଆଜି ଆମେରିକା ଓ ୟୁରୋପର ଏହି ଶ୍ରମିକ ଆନ୍ଦୋଳନର ସମ୍ବାଦ ପ୍ରସାରଣ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଶ୍ରମିକ ଆନ୍ଦୋଳନ ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ଫ୍ରାନ୍ସର ଗୋଟିଏ ସାପ୍ତାହିକ ପତ୍ରିକା ଲେଖିଛି "ପ୍ୟାରିସ୍‌ର ଏକ ସୁବିସ୍ତୀର୍ଣ୍ଣ ପ୍ରାନ୍ତରରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ଜାତି ଧର୍ମ ନିର୍ବିଶେଷରେ ହଜାର ହଜାର ଆନ୍ଦୋଳନକାରୀ।"

ଆମେରିକା ଓ ଫ୍ରାନ୍ସର ଶ୍ରମିକ ଆନ୍ଦୋଳନ ସଂପର୍କରେ ସେଠିକାର ସମ୍ବାଦପତ୍ର ପ୍ରାୟ ପ୍ରତିଦିନ ସମ୍ବାଦ ପ୍ରକାଶ କରୁଛନ୍ତି। ଚତୁର୍ଦ୍ଦିଗରେ ଏହି ଆନ୍ଦୋଳନ ସଂଗ୍ରାମର ନୂତନ ଇତିହାସ ରଚନା କରୁଛି। କେବଳ ପୁରୁଣା ଶ୍ରମିକ ୟୁନିୟନମାନଙ୍କର ଆନ୍ଦୋଳନ ନୁହେଁ, ଷ୍ଟାରବର୍ଗ, ଆମାଜନ, ଆପଲ ସମେତ ଅସଂଖ୍ୟ କମ୍ପାନୀର ଶ୍ରମିକମାନେ ନୂଆ ଶ୍ରମିକ ୟୁନିୟନ ଗଠନ କରିବାପାଇଁ ଆବେଦନ ପତ୍ର ଜମା କରୁଛନ୍ତି। ଆମେରିକାର ଲେବର ବ୍ୟୁରୋ ଦ୍ୱାରା ପ୍ରକାଶିତ ଧର୍ମଘଟର ତାଲିକା ମଧ୍ୟରୁ ନ୍ୟୁୟର୍କ ଟାଇମ୍ସ, କାଲିଫର୍ଣ୍ଣିଆ ସ୍ୱାସ୍ଥ୍ୟସେବା କମ୍ପାନୀ, କାଇଜର ସ୍ଥାୟୀ ଶ୍ରମିକ, ଫ୍ରିଟିୟର ଶ୍ରମିକ ଓ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ହଜାର ହଜାର ଶ୍ରମିକମାନଙ୍କ ଧର୍ମଘଟ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଆମେରିକା ଲେବର ବ୍ୟୁରୋର ପରିସଂଖ୍ୟାନ ହେଉଛି ହିମଶୈଳର ଚୂଡାମାତ୍ର। ସମଗ୍ର ଦେଶରେ ଅସଂଖ୍ୟ ଆନ୍ଦୋଳନ ଗୋଟିଏ ପରେ ଗୋଟିଏ ମୁଣ୍ଡଟେକି ଉଠୁଛି। ଶ୍ରମିକ ଧର୍ମଘଟ ସଂପର୍କରେ ଜନୈକ ଗବେଷକଙ୍କ ମତରେ ଆମେରିକା ଶ୍ରମିକ ଆନ୍ଦୋଳନ ଓ ନୂତନ ୟୁନିୟନ ଗଠନର ଜୁଆର ପ୍ରତ୍ୟକ୍ଷ୍ୟ କରୁଛି। ଅନ୍ୟଦିଗରେ ବ୍ରିଟେନ୍‌ର ନର୍ସ, ଜୁନିୟର ଡାକ୍ତର, ବସ ଚାଳକ, ୟୁରୋଷ୍ଟାରର ନିରାପତ୍ତାକର୍ମୀ, ବିଶ୍ୱବିଦ୍ୟାଳୟ କର୍ମଚାରୀ, ବିମାନ ବନ୍ଦରର କର୍ମଚାରୀ, ସ୍କଟଲ୍ୟାଣ୍ଡର ଶିକ୍ଷକ, ୱେଲ୍ସର ଫିଜିଓଥେରାପିଷ୍ଟ, ଉ ର ଇଂଲ୍ୟାଣ୍ଡ ଓ ସ୍କଟଲ୍ୟାଣ୍ଡର ଡ୍ରାଇଭିଂ ପରୀକ୍ଷକ, ବ୍ରିଟେନ୍‌ର ରାଜମାର୍ଗମାନଙ୍କରେ ନିୟୋଜିତ କର୍ମଚାରୀ ମାସ ପରେ ମାସ ଲଗାତର ଭାବରେ ଆନ୍ଦୋଳନରେ ସାମିଲ ହେଉଛନ୍ତି। ଇଣ୍ଡିପେଣ୍ଡ ପତ୍ରିକାର ଏସୀୟ ସଂସ୍କରଣ ଆହୁରି ମଧ୍ୟ ଲେଖିଛି ଟ୍ରେନ୍ ଡ୍ରାଇଭରଠାରୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ନିୟୋଜିତ ରେଳ କର୍ମଚାରୀ, ଜରୁରୀ ପରିସେବା କ୍ଷେତ୍ରରେ ନିଯୁକ୍ତ କର୍ମଚାରୀ ଓ ସରକାରୀ କର୍ମଚାରୀମାନେ ମଧ୍ୟ ଆନ୍ଦୋଳନପ୍ରତି ସମର୍ଥନ ଜ୍ଞାପନ କରିଛନ୍ତି। ଶ୍ରମିକ ଆନ୍ଦୋଳନର ଏହି ଉତ୍ତାଳ ତରଙ୍ଗ ମଧ୍ୟରେ ପୁଞ୍ଜିବାଦୀ ଶୋଷଣ ନିପୀଡନ ବିରୋଧୀ ସ୍ୱର ମଧ୍ୟ ଧ୍ୱନୀତ ହେଉଛି। ଫ୍ରାନ୍ସର ଜଣେ ଆନ୍ଦୋଳନକାରୀ ଛାତ୍ରଙ୍କ ଭାଷାରେ- 'ଆମକୁ ସମସ୍ୟାର ମୂଳକୁ ଯିବାକୁ ହେବ। ଏହି ପୁଞ୍ଜିବାଦୀ ବ୍ୟବସ୍ଥା ଆମମାନଙ୍କ ଜୀବନକୁ କିଭଳି ବିଧ୍ୱସ୍ତ କରୁଛି ତା' ଆମକୁ ବୁଝିବାକୁ ହେବ। ଏହି ବ୍ୟବସ୍ଥାହିଁ ଯାବତୀୟ ସାମାଜିକ ସମସ୍ୟାର ମୂଳ କାରଣ, ଯାବତୀୟ ରୋଗର ଏନ୍ତୁଡିଶାଳ। ଏହି ବ୍ୟବସ୍ଥା ଉପରେ ପ୍ରଥମେ ଆଘାତ କରିବାକୁ ହେବ।'

ଆମ ଦେଶରେ ମଧ୍ୟ ଆନ୍ଦୋଳନର ଜୁଆର ଦେଖିବାକୁ ମିଳୁଛି। ଦିଲ୍ଲୀର ଐତିହାସିକ କୃଷକ ଆନ୍ଦୋଳନ କେନ୍ଦ୍ରର ଉଦ୍ଧତ ବିଜେପି ସରକାରକୁ ନତି ସ୍ୱୀକାର କରିବାକୁ ବାଧ୍ୟ କରିଛି। ପଶ୍ଚିମବଙ୍ଗରେ ମହଙ୍ଗାଭ । ଦାବିରେ ସରକାରୀ କର୍ମଚାରୀ ମାସ ମାସଧରି ରାସ୍ତାରେ ବସିଛନ୍ତି। ଦେଶବ୍ୟାପୀ ଜନସାଧାରଣ ଆନ୍ଦୋଳନମୁଖୀ ହେଉଛନ୍ତି। ବେକାର ଯୁବକମାନଙ୍କର ଦୀର୍ଘଶ୍ୱାସ ଓ ଶ୍ରମିକ ପରିବାରର ଅନାହାରର ଯନ୍ତ୍ରଣାକୁ ଗୋପନ ରଖାଯାଇ ପାରୁନାହିଁ। ଧର୍ମର ଜୟଧ୍ୱନୀ ଅଭୁକ୍ତ ଶିଶୁର କ୍ରନ୍ଦନକୁ ଲୁଚାଇ ଦେଇ ପାରୁନାହିଁ। ଗୁଜୁରାଟରେ ଗତ ୫ବର୍ଷ ଧରି ପ୍ରତ୍ୟେକ ଦିନ ୯ଜଣ ଦିନମଜୁରିଆଙ୍କ ଆତ୍ମହତ୍ୟାର କରୁଣ କାହାଣୀ ବହୁ ପ୍ରଚାରିତ ଗୁଜୁରାଟ ମଡେଲର ଆଢୁଆଳରେ ଲୁଚାଇ ରଖାଯାଇ ପାରୁନାହିଁ। ପ୍ରତିଘଣ୍ଟାରେ ୧୦୦ଜଣ ଭାରତୀୟ କୃଷକ ଭୂମିହୀନ ହେବା ଓ ଫସଲର ଉପଯୁକ୍ତ ଦର ନପାଇ ଲକ୍ଷ ଲକ୍ଷ କୃଷକ କରୁଥିବା ଆତ୍ମହତ୍ୟା କରିବା ଘଟଣାକୁ ଚପେଇ ଦିଆଯାଇ ପାରୁନାହିଁ।

ୟୁରୋପ ଓ ଆମେରିକାରେ ଶ୍ରମଜୀବୀ ଜନସାଧାରଣ ଯେଭଳି ଦିଗହରା ନହୋଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଛଟେଇ, ମୂଲ୍ୟବୃଦ୍ଧିର ତୀବ୍ର ଆକ୍ରମଣ ବିରୁଦ୍ଧରେ ଲଢେଇର ରାସ୍ତା ବାଛି ନେଇଛନ୍ତି ସେହିଭଳି ଭାରତର ଶ୍ରମିକମାନଙ୍କୁ ମଧ୍ୟ ଐକ୍ୟବଦ୍ଧ ଆନ୍ଦୋଳନର ରାସ୍ତାରେ ଆଗେଇ ଯିବାକୁ ହେବ। ବଂଚିବାର ରାହା ଖୋଜିବାକୁ ପଡିବ। ଏହାହିଁ ସମୟର ଆହ୍ୱାନ।

## କମ୍ରେଡ ନିରଞ୍ଜନ ପାଣ୍ଡବଙ୍କ ସ୍ମୃତିସଭା



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦକ୍ଷିଣବନ୍ଧ ଆଂଚଳିକ କମିଟି ଉଦ୍ୟୋଗରେ କମ୍ରେଡ୍ ନିରଞ୍ଜନ ପାଣ୍ଡବଙ୍କର ସ୍ମୃତିସଭା ଦକ୍ଷିଣବନ୍ଧ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପାର୍ଟି ରାଜ୍ୟ କମିଟି ସଦସ୍ୟ କମ୍ରେଡ ବିଭୁତି ନାୟକ ଏହି ସଭାରେ ସଭାପତିତ୍ୱ କରିଥିଲେ। ପାର୍ଟି ରାଜ୍ୟ କମିଟି ସଦସ୍ୟ ତଥା ଯାଜପୁର ଜିଲ୍ଲା ସଂପାଦକ କମ୍ରେଡ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଦସ୍ୟ କମ୍ରେଡ ନିରାକାର ପାଣ୍ଡବ, ନୃସିଂହ ପଣ୍ଡା, ଯାଜପୁର ଜିଲ୍ଲା କମିଟି ସଦସ୍ୟ କମ୍ରେଡ ଅଭିମନ୍ୟୁ ମଲ୍ଲିକ ଓ ସଂଗଠକ କମ୍ରେଡ ଶୈଳେନ୍ଦ୍ର ନାୟକ ସଭାରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ବହୁ କମ୍ରେଡ୍ ସଭାରେ ଯୋଗ ଦେଇଥିଲେ ଏବଂ କମ୍ରେଡ ପାଣ୍ଡବଙ୍କ ସ୍ମୃତିଚାରଣ କରିଥିଲେ।

## କମ୍ରେଡ ତ୍ରିବନ ବାନରା ଲାଲସଲାମ

ଏଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କପ୍ତିପଦା ଆଂଚଳିକ କମିଟି ପରିଚାଳନାରେ କର୍ମରତ ଦଳର ବର୍ଷିୟାନ ଆବେଦନକାରୀ ସଦସ୍ୟ କମ୍ରେଡ ତ୍ରିବନ ବାନରା ଜୁନ ୨୬ତାରିଖ ଦିନ କଟକ ବଡ ମେଡକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବିଗତ ଶତାବ୍ଦିର ୯୦ଦଶକରେ କମ୍ରେଡ ବାନରା ଏ ଯୁଗର ମହାନ ମାର୍କ୍ସବାଦୀ ଚିନ୍ତାନାୟକ, କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାର ସଂସ୍ପର୍ଶରେ ଆସିଥିଲେ ଏବଂ ନିଜ ପରିବାର ଓ ସଂପର୍କିୟମାନଙ୍କୁ କମ୍ରେଡ ଘୋଷଙ୍କ ଆଦର୍ଶରେ ଅନୁପ୍ରାଣୀତ କରିବାକୁ ଚେଷ୍ଟା କରିଥିଲେ। କପ୍ତିପଦା ଅଞ୍ଚଳରେ ପାର୍ଟି ସଂଗଠନ ଗଢିତୋଳିବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ମୃତ୍ୟୁରେ ପାର୍ଟି କପ୍ତିପଦା ଅ ଳର ଜଣେ ଟାଣୁଆ କର୍ମୀଙ୍କୁ ହରାଇଲା।



## ଜେନଭାଠାରେ ଅନୁଷ୍ଠିତ ଆଇଏଲ୍‌ଓ ସମ୍ମିଳନୀରେ ଏଆଇୟୁଟିୟୁସିର ଯୋଗଦାନ

ଜୁନ ୫ରୁ ୧୬ ତାରିଖ ପର୍ଯ୍ୟନ୍ତ ଜେନେଭାଠାରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ଲେବର ଅର୍ଗାନାଇଜେସନ୍‌ର ୧୧ତମ ଆନ୍ତର୍ଜାତୀୟ ସମ୍ମିଳନୀରେ ଏଆଇୟୁଟିୟୁସିର ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ସମର କୁମାର ସିହ୍ନା ଯୋଗ ଦେଇଛନ୍ତି। ଏହି ସମ୍ମିଳନୀର ଶିକ୍ଷାନବୀସ(Apprentiship) ଓ ଶ୍ରମ ସୁରକ୍ଷା(Labour Protection) ସଂପର୍କିତ ଆଲୋଚନା ଚକ୍ରରେ କମ୍ରେଡ୍ ସିହ୍ନା ବକ୍ତବ୍ୟ ରଖିଥିଲେ। କମ୍ରେଡ ସିହ୍ନା କହିଥିଲେ ଯେ, ଶିକ୍ଷାନବୀସ ଭାବରେ ତାଲିମ ପାଇବାପରେ ଶ୍ରମିକମାନଙ୍କୁ ସ୍ଥାୟୀ କର୍ମଚାରୀମାନେ ପାଉଥିବା ଦରମା ହାରରେ ମୁଖ୍ୟ ନିଯୁକ୍ତି ଦାତା(Principal Employ) ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିଯୁକ୍ତି ଦେବା ଆବଶ୍ୟକ। ସେ ଆହୁରି କହିଥିଲେ ଯେ ଭାରତ ସମେତ ପୃଥିବୀର ଅନ୍ୟାନ୍ୟ ଆଇଏଲ୍‌ଓ ସଭ୍ୟ ଦେଶମାନେ ଶ୍ରମ ଆଇନର ଖୋଲାଖୋଲି ଉଲଙ୍ଘନ କରୁଛନ୍ତି। ଭାରତ ସରକାର ଚୂଡାନ୍ତ ଭାବରେ ଶ୍ରମିକ ସ୍ୱାର୍ଥ ବିରୋଧୀ ଶ୍ରମ କୋର୍ଡ ଲାଗୁକରି ଶ୍ରମିକମାନଙ୍କୁ ମାଲିକଙ୍କ କ୍ରୀତଦାସରେ ପରିଣତ କରିଛନ୍ତି। ଭାରତ ଓ ବିଶ୍ୱର ଅନ୍ୟାନ୍ୟ ତୁଳନାତ୍ମକ ଭାବରେ ପଛୁଆ ଦେଶରେ ଚାଲିଥିବା ଶ୍ରମ ଆଇନ ଉଲଙ୍ଘନ ବନ୍ଦ କରିବାପାଇଁ ସଂପୃକ୍ତ ଦେଶର ସରକାର ମାନଙ୍କ ଉପରେ ଚାପ ଦେବାପାଇଁ କମ୍ରେଡ୍ ସିହ୍ନା ଆଇଏଲଓକୁ ଆହ୍ୱାନ ଦେଇଥିଲେ।

## ବିପର୍ଯ୍ୟସ୍ତ ରେଳ ସେବା ପ୍ରତିବାଦରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ବିକ୍ଷୋଭ




ସମଗ୍ର ଦେଶର ଜନସାଧାରଣଙ୍କର ଜୀବନରେଖା ଭାରତୀୟ ରେଳବାଇର ଦୁରାବସ୍ଥା ପ୍ରତିବାଦରେ ଜୁନ ୬ତାରିଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଆହ୍ୱାନରେ ରାଉରକେଲା ରେଳ ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରେଳବାଇର ସମସ୍ତ ବିଭାଗର ଘରୋଇକରଣ, ସ୍ଥାୟୀ କାମରେ ଠିକା ନିଯୁକ୍ତି, ଆଉଟ୍‌ସୋର୍ସିଂ, ଲକ୍ଷ ଲକ୍ଷ ପଦବୀ ବର୍ଷ ବର୍ଷଧରି ଖାଲି ପଡିବା ଯୋଗୁ ବାହାନଗା ଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ଦଳପକ୍ଷରୁ ପ୍ରକାଶ କରାଯାଇଛି ଓ ଏହାର ବିହିତ ପ୍ରତିକାରକରି ରେଳଯାତ୍ରାକୁ ସୁରକ୍ଷିତ କରିବାପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ପାର୍ଟିର ଜିଲ୍ଲା ସଂପାଦକ କମ୍ରେଡ୍ ଅଜିତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ କମ୍ରେଡ ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ବିଦ୍ୟୁତ ମହନ୍ତ, ଲିଲି ମହାନ୍ତି, ବିଜୟ ସାହୁ, ସୁବାସ ଦଣ୍ଡପାଟ, ରେଖ ଇସ୍‌ଲାମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଶହୀଦ ବିର୍ଶାମୁଣ୍ଡାଙ୍କ ୧୨୩ତମ ଶହୀଦ ଦିବସ ଉପଲକ୍ଷେ କଣିହାଁଠାରେ ସଭା।




ମହାନ ଶହୀଦ ବିର୍ଶା ମୁଣ୍ଡାଙ୍କର ୧୨୩ତମ ଶହୀଦ ଦିବସ ଉପଲକ୍ଷେ ଅଲଇଣ୍ଡିଆ ଜନଅଧିକାର ସୁରକ୍ଷା କମିଟି କଣିହାଁ ଶାଖା ପକ୍ଷରୁ ଜୁନ ୬ତାରିଖରେ ଏନ୍‌ଟିପିସ ବାଇପାସ ଛକରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କମିଟିର ସଦସ୍ୟ ଶ୍ରୀଯୁକ୍ତ ନୀଳାମ୍ବର ତିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରୀଯୁକ୍ତ ନବକିଶୋର ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ସୁପର ଥର୍ମାଲ ୱାର୍କସ ୟୁନିୟନର ସଭାପତି ଶ୍ରୀଯୁକ୍ତ ଜୟସେନ ମେହେର, ସାଧାରଣ ସଂପାଦକ ପ୍ରହ୍ଲାଦ ସାହୁ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ଶହୀଦ ବିର୍ଶାମୁଣ୍ଡାଙ୍କର ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ ଏବଂ ଆଜି ଦିନରେ ବିର୍ଶାଙ୍କ ସଂଗ୍ରାମଦ୍ୱାରା ଅନୁପ୍ରାଣିତ ହୋଇ ଜଳ, ଜମି, ଜଙ୍ଗଲର ରକ୍ଷା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ।

## ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ପାଇଁ ରାଜ୍ୟବ୍ୟାପୀ ଶୋକ ଦିବସ

ବାହନଗାଠାରେ ଜୁନ ୨ ତାରିଖରେ ଘଟିଯାଇଥିବା ଭୟାବହ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରେଳଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଜୁନ ୩ ତାରିଖରେ ରାଜ୍ୟବ୍ୟାପୀ ଶୋକଦିବସ ପାଳନ ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏହି ଆହ୍ୱାନରେ ଗଞ୍ଜାମ, ଅନୁଗୁଳ, ନାଉଗାଁ, ରାଉରକେଲା, ବାମରା, ବୈପାରିଗୁଡା, ଯାଜପୁର ରୋଡ, କଟକ, ଭୁବନେଶ୍ୱର ପ୍ରଭୃତି ସ୍ଥାନରେ ଶୋକଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର କେତେକ ନିର୍ବାଚିତ ଫଟୋ ଏଠାରେ ସ୍ଥାନିତ କରାଯାଇଛି।


ଯାଜପୁର ରୋଡ


କଣିହାଁ(ଅନୁଗୁଳ)


ବୈପାରିଗୁଡା


ବାମରା


ନାଉଗାଁ(ଜଗତସିଂହପୁର)



ରାଉରକେଲା


କିଶୋରନଗର(ଅନୁଗୁଳ)



ଗଞ୍ଜାମ


ଅନୁଗୁଳ

Regd.No-ORI ORI/2011/37220 ● VOL.NO. 10, ISSUE NO. 04 ● ମୂଲ୍ୟ-୫ଟଙ୍କା

# ମଣିପୁରରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରର ସଂପୃକ୍ତିରେ ଚାଲିଥିବା ନରସଂହାର ବିରୁଦ୍ଧରେ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ।

ମଣିପୁରରେ ମଇ ୩ତାରିଖରୁ ଆଜି ପର୍ଯ୍ୟନ୍ତ ଚାଲିଥିବା ସାଂପ୍ରଦାୟିକ ଦଙ୍ଗା, ନରହତ୍ୟା, ପୋଡାଜଳା ଆଜି ପର୍ଯ୍ୟନ୍ତ ଚାଲିଛି। କେନ୍ଦ୍ର ଓ ମଣିପୁର ରାଜ୍ୟ ବିଜେପି ସରକାରର ସିଧାସଳଖ ସଂପୃକ୍ତି ଓ ଅଂଶଗ୍ରହଣରେ ମଣିପୁରରେ ଚାଲିଥିବା ଏହି ସାଂପ୍ରଦାୟିକ ଦଙ୍ଗାରେ ଏପର୍ଯ୍ୟନ୍ତ ୨୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି, ହଜାର ହଜାର ଲୋକ ଘରଦ୍ୱାର ହରାଇ ଶରଣାର୍ଥି ଶିବିରରେ ଆଶ୍ରୟ ନେଇଛନ୍ତି ଏବଂ ଶହ ଶହ ଗାଁ ପୋଡି ପାଉଁଶ ହୋଇଯାଇଛି। ଏହି ଦଙ୍ଗାକୁ ରୋକିବା ଓ ରାଜ୍ୟରେ ଶାନ୍ତି ଫେରାଇ ଆଣିବାପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଏହି ସାଂପ୍ରଦାୟିକ ଦଙ୍ଗାକୁ ବଳବ ର ରଖି ସମଗ୍ର ରାଜ୍ୟରେ ସାଂପ୍ରଦାୟିକ ବିଭାଜନକୁ ଆହୁରି ଗଭୀର କରି ଭୋଟବ୍ୟାଙ୍କ ସୃଷ୍ଟି କରିବାପାଇଁ ବିଜେପି, ଆରଏସ୍ଏସ୍ ଓ ସଂଘ ପରିବାର ପକ୍ଷରୁ ଘୃଣ୍ୟ ଉଦ୍ୟମ ଜାରୀ ରହିଛି। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରର ଏହି ଧରଣର ଆଭିମୁଖ୍ୟ ବିରୁଦ୍ଧରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପକ୍ଷରୁ ଜୁନ ୩୦ତାରିଖରେ ସାରାଭାରତ ପ୍ରତିବାଦ ଦିବସ ପାଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଆହ୍ୱାନ ଅନୁଯାୟୀ ଭୁବନେଶ୍ୱର, କଟକ, ଯାଜପୁର ଟାଉନ, ଯାଜପୁର ରୋଡ୍, ବରୀ, ବିଞ୍ଝାରପୁର, ରାଉରକେଲା, ବୈପାରିଗୁଡା, କେନ୍ଦୁଝର ପ୍ରଭୃତି ସ୍ଥାନରେ ପ୍ରତିବାଦ ଦିବସ ପାଳିତ ହୋଇଛି। ପ୍ରତିବାଦ ଦିବସର କେତୋଟି ନିର୍ବାଚିତ ଫଟୋ ଏଠାରେ ସ୍ଥାନିତ କରାଯାଇଛି।



ଜାରକା



କବାଟବନ୍ଧ



ଯାଜପୁର ଟାଉନ୍


କେନ୍ଦୁଝର



ବିଞ୍ଝାରପୁର



ଅନୁଗୁଳ


ଯାଜପୁର ରୋଡ


ବୈପାରିଗୁଡା


ରାଉରକେଲା



ଛେଣ୍ଡିପଦା



ବରୀ



ଭୁବନେଶ୍ୱର

---

ସମ୍ବାଦପତ୍ର ପୃଷ୍ଠାରୁ .....

## ଏସ୍ୟୁସିଆଇ(କମ୍ୟୁନିଷ୍ଟ)କୁ ପରାସ୍ତ କରିବାପାଇଁ ରାମ-ବାମ ସହିତ ତୃଣମୂଳ

ପଶ୍ଚିମବଙ୍ଗର ପଶ୍ଚିମ ମେଦିନପୁର ଜିଲ୍ଲାର ଗୋଟିଏ ପଂଚାୟତ। ବାମଫ୍ର ଓ ତୃଣମୂଳ ଉଭୟ ଦଳର ସରକାରର ଶାସନ କାଳରେ ଗତ୧୫ବର୍ଷ ଧରି ସେହି ପ ାୟତରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ବିଜୟ ଲାଭ କରୁଛି। ଚଳିତ ପ ାୟତ ନିର୍ବାଚନରେ ଏସୟୁସିଆଇ(କମ୍ୟୁନିଷ୍ଟ)କୁ ପରାଜିତ କରିବାପାଇଁ ରାମ ଓ ବାମ (ବିଜେପି ଓ ସିପିଆଇ-ଏମ୍) ହାତ ମିଶାଇଛନ୍ତି। ତୃଣମୂଳ ଏଠାରେ ପ୍ରାର୍ଥୀ ଦେଇଥିଲେ ମଧ୍ୟ ଦଳର ସ୍ଥାନୀୟ ନେତାମାନେ ମଧ୍ୟ ରାମ-ବାମ ମେ ସହିତ ସାମିଲ ହୋଇଛନ୍ତି।

ତୃଣମୂଳ, ବିଜେପି ଏବଂ ସିପିଆଇ(ଏମ୍)ର ଏହି ଧରଣର ଅଭିନବ ସମୀକରଣ ଦେଖିବାକୁ ମିଳିଛି ନାରାୟଣଗଡର ଭଙ୍ଗାରପଡା ପ ାୟତରେ। ସ୍ଥାନୀୟ ଦାଉଦପୁରର ବାସିନ୍ଦା 'ଜନଗଣ'ଙ୍କ ମନୋନୀତ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ଚିହ୍ନ ବହି। କିଭଳି ତାଙ୍କୁ ସାମନାରେ ରଖି ଏସ୍ୟୁସିଆଇ(କମ୍ୟୁନିଷ୍ଟ)କୁ ହରାଇବାପାଇଁ ତିନିଟି ଯାକ ଦଳ ଉଦ୍ୟମ କରୁଛନ୍ତି ତା'ର ପ୍ରମାଣ ମିଳିଛି ସେହି ତଥାକଥିତ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ବ୍ୟାନରରୁ। ସେଠାରେ ପ୍ରଚାରରେ ତିନିଟି ନାଁ ବିଜେପି ନେତା ଦୀପକ କୁମାର ମଣ୍ଡଳ, ତୃଣମୂଳ ନେତା ସୂର୍ଯ୍ୟକାନ୍ତ ଦିନ୍ଦା, ସିପିଆଇ(ଏମ୍)ର ଅନୀଲ ମଣ୍ଡଳ। ମହିଳାମାନଙ୍କ ପାଇଁ ସଂରକ୍ଷିତ ଏହି ଆସନରେ ତୃଣମୂଳର ପ୍ରାର୍ଥୀ ଅଛନ୍ତି। ତେବେ ସିପିଆଇ(ଏମ୍) ପରିବାରରୁ ଆସିଥିବା ସେହି ତୃଣମୂଳ ପ୍ରାର୍ଥୀଙ୍କର ପ୍ରଚାର ବିଶେଷ ଆଖିରେ ପଡୁନାହିଁ। ସେ ସ୍ୱକାର କରୁଛନ୍ତି ଦଳ ପକ୍ଷରୁ ପ୍ରଚାର ପାଇଁ କେହି ଆସିନାହାନ୍ତି। ଜିତିବା ଖୁବ୍ କଷ୍ଟକର। ଅପରଦିଗରେ ନିର୍ଦ୍ଦଳୀୟ ନିରୁପମା କହୁଚନ୍ତି ଘର ଘର ପ୍ରଚାରରେ ଲୋକ ସମର୍ଥନ ମିଳୁଛି। ଆଶା କରୁଛୁ ଜିତିବି। ଭଙ୍ଗାରପଡା ପଞ୍ଚାୟତରେ ୧୯୭୮, ୧୯୯୮ ଓ ପରେ ୨୦୦୮ ମସିହା ପରଠାରୁ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଲଗାତର ଜୟଲାଭ କରୁଛି। ଏଥର ମଧ୍ୟ ସେମାନଙ୍କର ଆତ୍ମବିଶ୍ୱାସ ରହିଛି। ଦଳୀୟ ପ୍ରାର୍ଥୀ ଜ୍ୟୋତ୍ସ୍ନା ମଣ୍ଡଳ କହୁଛନ୍ତି, ଅଶୁଭ ମେ ବିରୁଦ୍ଧରେ ଜନସାଧାରଣ ଆମକୁ ଜିତାଇବେ। ଏକକ ଶକ୍ତିରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ)କୁ ହରାଇ ପାରିବେ ନାହିଁ ବୋଲି କ'ଣ ନିର୍ଦ୍ଦଳୀୟ ପ୍ରାର୍ଥୀ ଉପରେ ଏଭଳି ଆସ୍ଥା ? ସିପିଆଇ(ଏମ୍) ଜିଲ୍ଲା କମିଟିର ସଦସ୍ୟ ଓ ନାରାୟଣଗଡ ବ୍ଲକ କମିଟିର ଆବାହକ ମଦନ ବସୁ ସ୍ୱୀକାର କରିଛନ୍ତି ଯେ, କିଛି କିଛି ବୁଥରେ ଏକା ପାରିବୁ ନାହିଁ; ସେଥିପାଇଁ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ। ବିଜେପିର ଜିଲ୍ଲା ସାଧାରଣ ସଂପାଦକ ଗୌରୀ ଶଙ୍କର ଅଧିକାରୀ କହୁଛନ୍ତି ତୃଣମୂଳର ଧମକ ଫଳରେ ଆମ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିପାରିନାହାନ୍ତି। ତା' ନହେଲେ ଆମେ ଏକା ହରାଇ ପାରିଥାନ୍ତୁ। ବ୍ଲକ୍ ତୃଣମୂଳ ସଭାପତି ତରୁଣ ପଣ୍ଡିତ କହିଛନ୍ତି, ମେ ହୋଇନାହିଁ, ଆମର ପ୍ରାର୍ଥୀ ଅଛନ୍ତି। ତେବେ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ପାଇଁ ଯେ ତାଙ୍କର ବୁଥ ସଭାପତି ପ୍ରଚାର କରୁଛନ୍ତି ସେକଥା ଏହି ତୃଣମୂଳ ନେତା ସ୍ୱୀକାର କରିଛନ୍ତି। -(ଆନନ୍ଦ ବଜାର ଜୁନ୨୩ ତାରିଖ)

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Orissa E-mail: sarbaharakranti@yahoo.co.in
Editor : Bishnu Das